RNI No.ODIODI/2010/33031
୧୭ ବର୍ଷ Volume-17
ISSUE -07 ସଂଖ୍ୟା-୦୭
ଭୁବନେଶ୍ୱର, ବୁଧବାର ୧୧ ମାର୍ଚ୍ଚ ୨୦୨୬
Bhubaneswar, Wednesday 11 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଓଡ଼ିଶାର ୯ ଷ୍ଟେସନ ଦେଇ ଚାଲିବ ଅମୃତ ଭାରତ ଟ୍ରେନ

ଭୁବନେଶ୍ୱର,୧୦।୩(ନି.ପ୍ର.): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିଛି । ରାଜ୍ୟର ୯ଟି ଷ୍ଟେସନ ଦେଇ ଗଡ଼ିବ ନୂତନ ଅମୃତ ଭାରତ ଟ୍ରେନ୍ । ଏ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ସୂଚିତ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ନୂତନ ଅମୃତ ଭାରତ ଟ୍ରେନ୍ ତାମିଲନାଡୁ କୋଏମ୍ବାଟୁରର ପୋଦାନୁରରୁ ଝାଡ଼ଖଣ୍ଡର ଧାନବାଦ ଯାଏ ଚାଲିବ । ଏହା ଓଡ଼ିଶାର ଅଧିକାଂଶ ରେଳ ଷ୍ଟେସନକୁ ସଂଯୋଗ କରିବ ।ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗିର, ବରଗଡ଼ ରୋଡ୍, ସମ୍ବଲପୁର, ଝାରସୁଗୁଡା, ଏବଂ ରାଉରକେଲା ଷ୍ଟେସନ ଦେଇ ଅମୃତ ଭାରତ ଟ୍ରେନ୍ ଚଳାଚଳ କରିବ । ଏହା ଦ୍ୱାରା ଦକ୍ଷିଣ ଏବଂ ପଶ୍ଚିମାଞ୍ଚଳ ଜିଲ୍ଲା ସହିତ କେବିକେ ଅଞ୍ଚଳ ଲାଭାନ୍ୱିତ ହେବେ । ତତସହିତ ତାମିଲନାଡୁର କୋଏମ୍ବାଟୁର, ତିରୁପ୍ପୁର ଓ ସାଲେମ ଏବଂ ଝାଡ଼ଖଣ୍ଡର ରାଞ୍ଚି, ବୋକାରୋ ଏବଂ ଧାନବାଦକୁ ସଂଯୋଗ କରିବ । ଏହା ଦ୍ୱାରା ଆର୍ଥିକ ଏବଂ ସାମାଜିକ ସଂଯୋଗୀକରଣ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ପଦକ୍ଷେପ କେନ୍ଦ୍ର ସରକାରଙ୍କ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଓଡ଼ିଶାରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଆମ ଲୋକଙ୍କ ପାଇଁ ଅଧିକ ସୁବିଧା ଏବଂ ନୂତନ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋଡନୁର ଏବଂ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି।

## ଓମ ବିର୍ଲାଙ୍କ ପରେ ଜ୍ଞାନେଶ କୁମାରଙ୍କ ପାଳି

ନୂଆଦିଲ୍ଲୀ: ୧୦।୩(ନି.ପ୍ର.): ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ପରେ ଏବେ କଂଗ୍ରେସ ଦେଶର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି । ବିରୋଧୀ ଦଳର ୨ ବରିଷ୍ଠ ନେତା ସୋମବାର ଏହାର ସଙ୍କେତ ଦେଇଛନ୍ତି । ଯଦି ବିରୋଧୀ ସଂସଦରେ ମହାଭିଯୋଗର ନୋଟିସ୍ ଦିଏ, ତେବେ ଦେଶରେ ପ୍ରଥମ ଥର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ମହାଭିଯୋଗ ହେବ । କଂଗ୍ରେସର ଜଣେ ବରିଷ୍ଠ ନେତା କହିଛନ୍ତି, ଏସଆଇଆର ପ୍ରତିବାଦରେ ଜ୍ଞାନେଶ କୁମାରଙ୍କ ବିରୋଧରେ

# ଇସ୍ରାଏଲ ଉପରେ ହେଜବୁଲ୍ଲାର ଡ୍ରୋନ୍ ଆକ୍ରମଣ

ତେହେରାନ,୧୦।୩(ନି.ପ୍ର.):: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ଇସ୍ରାଏଲ ଏବଂ ଆମେରିକା ହେଉ କିମ୍ବା ଇରାନ, କୌଣସି ପକ୍ଷ ପଛକୁ ହଟିବାକୁ ପ୍ରସ୍ତୁତ ନୁହଁନ୍ତି। ଉଭୟ ପରସ୍ପର ଉପରେ ଲଗାତାର କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି । ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟପ୍ରାଚ୍ୟରେ ଏକ ସଙ୍କଟ ସୃଷ୍ଟି କରିଛି। ଯୁଦ୍ଧ ସମୟରେ ଉପସାଗରୀୟ ଦେଶଗୁଡ଼ିକ ଉପରେ ମଧ୍ୟ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଉଛି। ଇରାନ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତାର, ଇରାକ ଏବଂ କୁଏତ ସମେତ ଅନେକ ଦେଶ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି, ଯାହା ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି।

ଇରାନ ନିରନ୍ତର ଉପସାଗରୀୟ ଦେଶଗୁଡ଼ିକୁ ଟାର୍ଗେଟ କରୁଛି ଯେଉଁଠାରେ ଆମେରିକାର ବିମାନ ଘାଟି ଅବସ୍ଥିତ। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ହେଜବୁଲ୍ଲା ମଧ୍ୟ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଆରମ୍ଭ କରିଛି। ହେଜବୁଲ୍ଲା ଇସ୍ରାଏଲରେ ଏକ ସିରିଜ୍ ବୋମାମାଡ଼ କରିଛି। ପ୍ରତିଶୋଧ ସ୍ୱରୂପ, ଇସ୍ରାଏଲୀ ସେନା ଲେବାନନରେ ହିଜବୋଲା ଘାଟି ଉପରେ ମଧ୍ୟ ଆକ୍ରମଣ କରିଛି।

ୟୁଏଇର ଅନେକ ସ୍ଥାନରେ ଇରାନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି। ଇରାକରେ ୟୁଏଇ ଦୂତାବାସ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଖବର ରହିଛି। ୟୁଏଇରେ ଆକ୍ରମଣ ମଧ୍ୟରେ ଭାରତରେ ଅବସ୍ଥାପିତ ୟୁଏଇର ପ୍ରଥମ ରାଷ୍ଟ୍ରଦୂତ ହୁସେନ ହାସନ ମିର୍ଜା ଅଲସାୟେଘ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ୟୁଏଇର ରାଷ୍ଟ୍ରଦୂତ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ଫୋନ୍ କଲ୍ ପରିସ୍ଥିତିକୁ ଶାନ୍ତ କରିପାରିବ।

ୟୁଏଇର ରାଷ୍ଟ୍ରଦୂତ ହୁସେନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନାକୁ ଉଲ୍ଲେଖ କରି କହିଛନ୍ତି, ଇରାନର ପଡ଼ୋଶୀ ହେବା ସତ୍ତ୍ୱେ, ୟୁଏଇର ଇରାନ-ଇସ୍ରାଏଲ ବିବାଦରେ ସାମିଲ ହେବାର କୌଣସି କାରଣ ନାହିଁ। ୟୁଏଇ ଉଭୟ ପକ୍ଷ ସହିତ ସମ୍ପର୍କ ବଜାୟ ରଖିଛି ଏବଂ ଆବ୍ରାହମ ଚୁକ୍ତି ଅନୁଯାୟୀ ଇସ୍ରାଏଲ ସହିତ ଏକ ସହଭାଗୀତା ମଧ୍ୟ ରଖିଛି।

# ଦୁଇ ଦିନ ବଢ଼ିଲା ନ୍ୟାୟ ସଂହିତା ପ୍ରଦର୍ଶନୀ

ଭୁବନେଶ୍ୱର୧୦।୩(ନି.ପ୍ର.):: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ' ପରିଦର୍ଶନ କରିଛନ୍ତି। ଏହି ପ୍ରଦର୍ଶନୀକୁ ଦୁଇ ଦିନ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ସୂଚନାପ୍ରଦ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତର ନୂତନ ଅପରାଧିକ ନ୍ୟାୟିକ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା। ବିଶେଷ କରି ଜୁଲାଇ ୧, ୨୦୨୪ ରୁ କାର୍ଯ୍ୟକାରୀ ହୋଇଥିବା ପୁରୁଣା ବ୍ରିଟିଶ କାଳର ଆଇନ ବଦଳରେ ନୂତନ ଭାରତୀୟ ନ୍ୟାୟ ସଂହିତା (ଭଏସ), ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଏଠାରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିଟି ଷ୍ଟଲ୍ ବୁଲି ଦେଖିବା ସହ ବରିଷ୍ଠ ପୋଲିସ ଅଧିକାରୀ, ଫରେନସିକ୍ ବିଶେଷଜ୍ଞ ଏବଂ ଆଇନଜୀବୀମାନଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାର ତଦନ୍ତ ଏବଂ ନ୍ୟାୟିକ ପ୍ରକ୍ରିୟାରେ ଆଧୁନିକ ଜ୍ଞାନକୌଶଳ, ଫରେନସିକ୍ ଉପକରଣ ଏବଂ ଡିଜିଟାଲ୍ ମାଧ୍ୟମର ବ୍ୟବହାର କିଭଳି କରାଯାଉଛି, ତାହାର ସେ ସମୀକ୍ଷା କରିଥିଲେ। ଏହା ସହିତ ସେ ଅପରାଧ ସ୍ଥଳରୁ ଆରମ୍ଭ କରି କୋର୍ଟରେ ମାମଲା ପରିଚାଳନା ପର୍ଯ୍ୟନ୍ତର ସମସ୍ତ ପ୍ରକ୍ରିୟାକୁ ଏକ ନାଟିକା ମାଧ୍ୟମରେ ଦେଖିଥିଲେ। ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତ୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଯେଉଁ ସଂକଳ୍ପ ରହିଛି, ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରିତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବାରେ ଏକ ଉତ୍ତମ ପଦକ୍ଷେପ। ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ନୂଆ ଆଇନ ଲାଗୁ ହେଲା ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ।



# ନିଆଁ ଲାଗି ଗତ ତିନି ବର୍ଷ ମଧ୍ୟରେ ନଷ୍ଟ ହୋଇଛି ୨୨,୨୯୩ ହେକ୍ଟର ଜଙ୍ଗଲ

ଭୁବନେଶ୍ୱର୧୦।୩(ନି.ପ୍ର.):: ଗତ ତିନି ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ୨୨,୨୯୩ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ମଙ୍ଗଳବାର ରାଜ୍ୟ ବିଧାନସଭାରେ ଏନେଇ ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ



ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ। ବିଜେଡି ବିଧାୟକ ପ୍ରସାନ୍ତ ବେହେରାଙ୍କ ପ୍ରଶ୍ନରେ ଲିଖିତ ଉତ୍ତରରେ ସେ କହିଛନ୍ତି ଯେ ୨୦୨୨ ମସିହାରେ ୮,୪୬୨ ହେକ୍ଟର, ୨୦୨୩ ମସିହାରେ ୯,୭୬୪ ହେକ୍ଟର ଏବଂ ୨୦୨୪ ମସିହାରେ ଏପର୍ଯ୍ୟନ୍ତ ୪୦୬୭ ହେକ୍ଟର ଜମି ନଷ୍ଟ ହୋଇଛି।

ଏହି ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମନ୍ତ୍ରୀ ଆଲୋଚନା ମଧ୍ୟ କରିଛନ୍ତି। ଜଙ୍ଗଲ ଅଞ୍ଚଳ ଭିତରେ ଏବଂ ସୀମାରେ ଅଗ୍ନି ସଂଯୋଗୀକରଣ ବ୍ୟବସ୍ଥା ସୃଷ୍ଟି କରାଯାଇଛି। ସୂଚନା ବୋର୍ଡ, ବ୍ୟାନର ଏବଂ ବିଜ୍ଞାପନ ଦ୍ୱାରା ସମର୍ଥିତ କମ୍ପାର୍ଟମେଣ୍ଟ ଏବଂ ରେଞ୍ଜ ସ୍ତରରେ ସଚେତନତା ଅଭିଯାନ କରାଯାଉଛି। ମକ୍ ଡ୍ରିଲ୍ ସ୍ଥାନୀୟ ସମ୍ପ୍ରଦାୟ ଏବଂ କର୍ମଚାରୀମାନଙ୍କୁ ଅଗ୍ନି ନିବାରଣ ବିଷୟରେ ତାଲିମ ଦେଉଛି।

ସରକାର ୧,୦୩୭ ପତ୍ର ଫୁଙ୍କିବା ଯନ୍ତ୍ର, ଯାନବାହନ, ଅଗ୍ନି ନିର୍ବାପନ ଉପକରଣ ଏବଂ ସୁରକ୍ଷା କିଟ୍ ସହିତ ସଜ୍ଜିତ ୩୩୪ ପ୍ରଶିକ୍ଷିତ ଅଗ୍ନି ସୁରକ୍ଷା ଦଳ ଗଠନ କରିଛନ୍ତି। ଗ୍ରାମ ବନ ସୁରକ୍ଷା କମିଟି (ଠଝଝ) ସେମାନଙ୍କର ସମ୍ପୃକ୍ତି ଆଧାରରେ ସହାୟତା ପାଣ୍ଠି ପାଉଛନ୍ତି। ପ୍ରକୃତ ସମୟ ମନିଟରିଂ ପାଇଁ ଜଙ୍ଗଲ ଯାଞ୍ଚ ପୋଷ୍ଟଗୁଡ଼ିକରେ ଇଓ/ଗଖ କ୍ୟାମେରା ସ୍ଥାପନ କରାଯାଇଛି। ରାଜ୍ୟ ମୁଖ୍ୟାଳୟ ଏବଂ ଡିଭିଜନ କାର୍ଯ୍ୟାଳୟଗୁଡ଼ିକରେ ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ସ୭ କାର୍ଯ୍ୟ କରୁଛି। ଭାରତୀୟ ବନ ସର୍ବେକ୍ଷଣ ରୁ ଅପଡେଟ୍ ଦ୍ୱାରା ଅଗ୍ନି ସତର୍କତା ପାଇବା ପାଇଁ କର୍ମଚାରୀଙ୍କ ମୋବାଇଲ୍ ନମ୍ବରଗୁଡ଼ିକ ପଞ୍ଜୀକୃତ ହୋଇଥାଏ। ସିଂହଖୁଣ୍ଟିଆ। ଗୁରୁତ୍ୱାରୋପ କରିଥିଲେ ଯେ ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ଗ୍ରୀଷ୍ମ ଋତୁରେ କ୍ଷତିକୁ କମ କରିବା ଏବଂ ଜଙ୍ଗଲ ପରିଚାଳନାକୁ ସୁଦୃଢ଼ କରିବ।

## କ୍ଷମା ମାଗିଲା ଏନସିଇଆରଟି

ନୂଆଦିଲ୍ଲୀ୯।୩(ନି.ପ୍ର.): ପାଠ୍ୟ ପୁସ୍ତକରେ ନ୍ୟାୟପାଳିକାର ଭୂମିକା ଉପରେ ବିବାଦୀୟ ପାଠ୍ୟକ୍ରମ ଆଣିଥିବା ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ ବା ଏନସିଇଆରଟି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛି । ଏନସିଇଆରଟିର ନିର୍ଦ୍ଦେଶକ ଏବଂ ସମସ୍ତ ସଦସ୍ୟ ପ୍ରେସ ବିବୃତ୍ତି ଜରିଆରେ କ୍ଷମା ମାଗିଛନ୍ତି। ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ। ଏଣ୍ଡ୍ ବିୟଣ୍ଡର ଦ୍ୱିତୀୟ ଭାଗର ଚତୁର୍ଥ ଅଧ୍ୟାୟରେ ଆମ ସମାଜରେ ନ୍ୟାୟପାଳିକାର ଭୂମିକା ନାମରେ ଏକ ବିଷୟରେ ବିବାଦୀୟ ପାଠ୍ୟକ୍ରମ ରହିଛି ।ଯାହା ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିଥିଲେ। ଏହା ସହିତ ବୁଦ୍ଧିଜୀବୀ ମହଲରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହା ପରେ ଏନସିଇଆରଟି ଉକ୍ତ ପୁସ୍ତକକୁ ଫେରାଇ ନେବାକୁ ଘୋଷଣା କରିଥିଲା । ଏହା ପରେ କ୍ଷମା ପ୍ରାର୍ଥନା ମଧ୍ୟ କରିଛି ।

# ରାଜ୍ୟରେ ବୃଦ୍ଧି ପାଇଛି କୁମ୍ଭୀର ସଂଖ୍ୟା

ଭୁବନେଶ୍ୱର,୯।୩(ନି.ପ୍ର.): ରାଜ୍ୟରେ ଶତକଡା ୩.୫୪ ପ୍ରତିଶତ କୁମ୍ଭୀର ସଂଖ୍ୟା ବୃଦ୍ଧି ଘଟିଛି। ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ଗଣେଶ ରାମସିଂ ଖୁଣ୍ଟିଆ। ।



ଶ୍ରୀଯୁକ୍ତ ଦଳବେହେରା ରାଜ୍ୟରେ କୁମ୍ଭୀରଙ୍କ ସଂଖ୍ୟା କେତେ ଶତକଡା ବୃଦ୍ଧି ଘଟିଛି ଏବଂ ଶାବକଙ୍କ ସଂଖ୍ୟା କେତେ, ଚଳିତ ବର୍ଷ କେତେ ବିଦେଶୀଗତ ପକ୍ଷୀଙ୍କ ଏପର୍ଯ୍ୟନ୍ତ ଆଗମନ ହୋଇସାରିଲାଣି ବୋଲି ପ୍ରଶ୍ନ କରିଥିଲେ । ଏହି ଅଣତାରକା ପ୍ରଶ୍ନରେ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ ବନ ବିଭାଗ ଦ୍ୱାରା ହୋଇଥିବା ଗଣନା ଅନୁଯାୟୀ ୨୦୨୫-୨୬ ବର୍ଷରେ ରାଜ୍ୟରେ ୨୧୯୩ ଗୋଟି କୁମ୍ଭୀର ଅଛନ୍ତି ଯାହାକି ଗତବର୍ଷ ତୁଳନାରେ ଶତକଡା ୩.୫୪% ବୃଦ୍ଧି ଘଟିଛି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସାତକୋଶିଆ। ଏବଂ ଟିକରପଡାଠାରେ ୬୫ଟି କୁମ୍ଭୀର ଏବଂ ୨୨ ଗୋଟି ଶାବକ ଅଛନ୍ତି। ଚଳିତ ବର୍ଷ ହୋଇଥିବା ଗଣନା ଅନୁଯାୟୀ ରାଜ୍ୟରେ ୨୪,୯୦,୯୮୬ ସଂଖ୍ୟକ ବିଦେଶୀ ପକ୍ଷୀମାନଙ୍କର ଆଗମନ ହୋଇଅଛି । ଚଳିତ ବର୍ଷ ଗଣନାରେ କୌଣସି ବିରଳ ପ୍ରଜାତିର ନୂଆ। ପକ୍ଷୀଙ୍କର ଚିହ୍ନଟ ହୋଇନାହିଁ କିନ୍ତୁ ଚିଲିକାରେ ୨ ଗୋଟି ନୂତନ ପକ୍ଷୀ ଏବଂ ହୀରାକୁଦ ଜଳଭଣ୍ଡାରରେ ୫ ଗୋଟି ନୂତନ ପକ୍ଷୀର ଚିହ୍ନଟ ହୋଇଅଛି।

## ଅସୁସ୍ଥ ମାଈ ହାତୀ ମୃତ

ଢେଙ୍କାନାଳ,୧୦।୩(ନି.ପ୍ର.): ଢେଙ୍କାନାଳ ଜିଲା ଜିରାଳ ଫରେଷ୍ଟ ସେକ୍ସନ ପିପଳା ଗ୍ରାମ ବାସୁଆତଇଳା ନିକଟ ଜଙ୍ଗଲରେ ଅସୁସ୍ଥ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀଟି ବାରହା ପାଇଁ ଖଞ୍ଜା ଯାଇଥିବା ବୋମାଖାଇ ଅସୁସ୍ଥ ହୋଇଯାଇଥିଲା। ତାକୁ ପଶ୍ଚିମାଞ୍ଚଳ ରେଞ୍ଜ୍ ସୁନାଝରି ସଂରକ୍ଷିତ ଜଙ୍ଗଲରେ ଚିକିତ୍ସା କରାଯାଉଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ହାତୀଟି ପ୍ରାଣ ହରାଇଛି।

ମଙ୍ଗଳବାର ହାତୀଟିର ମୃତ୍ୟୁଦେହ ଠାବ କରାଯାଇଛି। ଜିରାଳ ଫରେଷ୍ଟ ସେକ୍ସନ ପିପଳା



ଗ୍ରାମ ବାସୁଆତଇଳା ନିକଟରେ ଥିବା ଜଙ୍ଗଲରେ ମାଈ ହାତୀର ମୃତ ଦେହ ଠାବ କରାଯାଇଛି। ଅନେକ ସମୟରେ ଖଞ୍ଜା ଯାଇଥିବା ବୋମା ଖାଇ ହାତୀ ପ୍ରାଣ ହରାଉଥିବା ଖବର ସାମ୍ନାକୁ ଆସୁଛି। ଯାହାକି ଏକ ପ୍ରକାର ଚିନ୍ତାର କାରଣ ସାଜିଥିବା ବେଳେ ଏଭଳି କାମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

# +୨ ପିଲାଙ୍କୁ ମିଳିବ ମାର୍କ ବୃଦ୍ଧି ସୁଯୋଗ

ଭୁବନେଶ୍ୱର,୧୦।୩(ନି.ପ୍ର.): +୨ ପିଲାଙ୍କ ଇମ୍ପ୍ରୁଭ୍ମେଣ୍ଟ ପାଇଁ ନୂଆ। ପଦକ୍ଷେପ। ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କୁ ମାର୍କରେ ଉନ୍ନତି ପାଇଁ ଗୋଟିଏ ବିଷୟରେ ପରୀକ୍ଷା ଦେବାକୁ ସୁଯୋଗ ମିଳିବ। ପରୀକ୍ଷା ଫଳାଫଳର ୬୦ ଦିନ ଭିତରେ ଇମ୍ପ୍ରୁଭମେଣ୍ଟ ତଥା ଉନ୍ନତି ପରୀକ୍ଷା ଦେବେ ଓ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ। ଏହାକୁ ଚଳିତବର୍ଷରୁ ଲାଗୁ କରାଯିବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପଦକ୍ଷେପ ନିଆଯାଇଛି।



ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପରୀକ୍ଷାର୍ଥୀଙ୍କୁ ମାର୍କ ବାଢ଼ାଇବାକୁ ଆଉଥରେ ସୁଯୋଗ ଦିଆଯିବ। ଯଦି କେଣସି ପରୀକ୍ଷାର୍ଥୀଙ୍କର ଗୋଟିଏ ବିଷୟରେ କମ୍ ମାର୍କ ରଖିଥିବେ ତେବେ ସେହି ବିଦ୍ୟାର୍ଥୀ ଆଉ ଥରେ ଉକ୍ତ ବିଷୟରେ ପରୀକ୍ଷା ଦେଇପାରିବେ। ଯୁକ୍ତ ଦୁଇ ଇନ୍ଷ୍ଟାଣ୍ଟ ପରୀକ୍ଷା ସମୟରେ ହିଁ ସେମାନଙ୍କ ପରୀକ୍ଷା ହେବ ବୋଲି ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ପରିଷଦର ନିୟମ ମୁତାବକ ପରୀକ୍ଷାର୍ଥୀ କେବଳ ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ ସେମାନଙ୍କୁ ଇନ୍ଷ୍ଟାଣ୍ଟ ପରୀକ୍ଷା ଦେବା ସୁଯୋଗ ଦିଆଯାଉଥିଲା। ମାତ୍ର ଚଳିତ ଥର ମାର୍କ ବାଢ଼ାଇବାକୁ ମଧ୍ୟ ସୁଯୋଗ ମିଳିବ। ପୂର୍ବରୁ ସ୍ନାତକ, ସ୍ନାତକୋତ୍ତରରେ ଏହି ସୁଯୋଗ ମିଳୁଥିବାବେଳେ ଏବେ +୨ରେ ଏହି ସୁବିଧା ଉପଲବ୍ଧ ହେବ।

ସିଏଚ୍ଏସ୍ଇର ଅଧିକାରୀଙ୍କ କହିବା କଥା, ପରିଷଦର ଏକ ବୈଠକରେ ଏପରି ନିଷ୍ପତ୍ତି ନିଆଯାଇଛି। ମେଡିକାଲ ନାମଲେଖା ପରି ଜାତୀୟ ପ୍ରବେଶିକା ପରୀକ୍ଷା କିମ୍ବା ନାମଲେଖାରେ ଯୁକ୍ତ ଦୁଇରେ ସର୍ବନିମ୍ନ ୭୫ ପ୍ରତିଶତ ମାର୍କ ଆବଶ୍ୟକ ହେଉଥିବା ବେଳେ ଏଥିରୁ କମ୍ ମାର୍କ ଥିବା ପିଲା ଆବେଦନ କିମ୍ବା ନାମଲେଖାରେ ହଇରାଣ ହେଉଛନ୍ତି। ତେଣୁ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିଏଚ୍ଏସ୍ଇ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀଙ୍କୁ ମାତ୍ର ଗୋଟିଏ ବିଷୟରେ ଉନ୍ନତି ପରୀକ୍ଷା ପାଇଁ ସୁଯୋଗ ମିଳିବ। ଯଦି ଫେଲ୍ ହୋଇଥିବେ ତାଙ୍କୁ ଏଥିରେ ସାମିଲ କରାଯିବ ନାହିଁ। ସେମାନେ ଇନ୍ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଏହି ଉନ୍ନତି ପରୀକ୍ଷାର ୬୦ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ।

## ଟ୍ରେନ୍ ଆଗକୁ ଡେଇଁଲେ ଶାଳୀ-ଭିଣୋଇ

ନାମ୍ପୋ, ୧୦।୩(ନି.ପ୍ର): ପରକୀୟା ପ୍ରୀତିର କରୁଣ ପରିଣତି। ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ଶାଳୀ-ଭିଣୋଇ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରରେ ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପମୃତ୍ୟୁ ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ରହୁଥିବା ରାଜପୁର ଅଞ୍ଚଳର ବିଜୟ କୁମାର ସାହୁ(୩୪ ବର୍ଷ)ଙ୍କର ବାଲିଆପାଳ ଥାନା ଅନ୍ତର୍ଗତ କଟୁପଡା ଗ୍ରାମର ୧୭ ବର୍ଷର ନାବାଳିକା ଶାଳୀ ସହିତ ଅନୈତିକ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହାକୁ ତାଙ୍କ ସ୍ତ୍ରୀ ଓ ପରିବାର ଲୋକ ଗ୍ରହଣ କରୁ ନଥିଲେ ।ଫଳରେ ଅନ୍ୟ ଉପାୟ ନପାଇ ସୋମବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଉଭୟ ଶାଳୀ-ଭିଣୋଇ ଜଳେଶ୍ୱର-ରାଜଘାଟ ଷ୍ଟେସନ ମଧ୍ୟବର୍ତ୍ତୀ ଅପଲାଇନରେ ଖଡ଼ଗପୁରରୁ ଯାଜପୁର ରୋଡ ଅଭିମୁଖେ ଯାଉଥିବା ଏକ୍ସପ୍ରେସ୍ ଟ୍ରେନ ସମ୍ମୁଖକୁ ଡେଇଁ ପଡି ଆତ୍ମହତ୍ୟା କରିଛନ୍ତି। ଖବର ପାଇ ବାଲେଶ୍ୱର ରେଳବାଇ ଥାନା ଏ.ଏସ.ଆଇ ଆସଲମ୍ ଖାଁ, ହେଡ୍ କନେଷ୍ଟବଲ୍ ଜ୍ୟୋତି ରଞ୍ଜନ ପାତ୍ର ଓ ବୈଦ୍ୟନାଥ ହାଁସଦା ଶବ ଦୁଇଟିକୁ ଉଦ୍ଧାର କରିବା ପରେ ଆଜି ବାଲେଶ୍ୱରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଘଟଣା ସମ୍ପର୍କରେ ପୁଲିସ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କିଛି ବର୍ଷ ପୂର୍ବର ମୃତ ବିଜୟଙ୍କ ପିତା କାଲୁ ମଧ୍ୟ ସେହି ରେଳ ଧାରଣା ନିକଟରେ ବଡ଼ ପୁଅକୁ ବଞ୍ଚାଇବାକୁ ଯାଇ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ମୃତ ବିଜୟଙ୍କ ଧର୍ମପତ୍ନୀ ଓ ୪ ବର୍ଷର ଏକ କନ୍ୟା ମଧ୍ୟ ଅଛନ୍ତି



## ଡାହୁକ



ରାଜ୍ୟସଭା ନିର୍ବାଚନ ପାଇଁ ଏବେ
ଟକରା ଟକରି ଯେମିତି
ଘୋଡା ବେପାରକୁ ଘୋଡା ବେପାରିଏଁ
ପ୍ରାଧାନ୍ୟ ଦେବେନି କେମିତି
ସହଜେ ନେତାଙ୍କୁ ସୁବର୍ଣ୍ଣ ସୁଯୋଗ
ଟଙ୍କା ବିଡ଼ା ବିଡ଼ା ଖାଇବେ
ନୀତି ନିୟମ କୁ ପଛରେ ପକେଇ
ଏପଟ ସେପଟ ଡେଇଁବେ
-ବିଧୂ

# ଗାଧୋଇବାବେଳେ ପାଣିରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

କେନ୍ଦୁଝର,୧୦।୩(ନି.ପ୍ର.):: ଜଳ ନେଇ ଯାଇଛି ଦୁଇ ଭାଇଙ୍କ ଜୀବନ । ଗାଧୋଉ ଥିବାବେଳେ ପାଣିରେ ବୁଡ଼ି ଦୁଇ ଭାଇଙ୍କର ମୃତ୍ୟୁ ହୋଇଛି । କେନ୍ଦୁଝର ଜିଲ୍ଲା ରାଇସୁଆଁ ସ୍ଥିତ ପୁରୁଣା ସଦର ଥାନା ପାଖଟେରା ଅଞ୍ଚଳରେ ଏଭଳି ଦୁଃଖଦ ଘଟଣା ଘଟିଛି । ମୃତକ ହେଲେ ନିରୁଦ୍ଦିନ ଅନସାରୀଙ୍କ ଦୁଇ ପୁତ୍ର ଆମାମାନ ଅନସାରୀ (୯ ବର୍ଷ) ଓ କୁଶାଲ ଅନସାରୀ (୮ବର୍ଷ ) ।

ପ୍ରାପ୍ତ ସୂଚନା ଅନୁସାରେ, ପ୍ରତି ଦିନ ଭଳି ଆଜି ମଧ୍ୟ ନିରୁଦ୍ଦିନଙ୍କ ଦୁଇ ପୁଅ ଆମାମାନ ଓ କୁଶାଲ ସ୍କୁଲରୁ ଆସିବା ପରେ ସାଙ୍ଗ ହୋଇ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଦୁଇ ଭାଇ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ । ସେଠାରେ ଥିବା ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ।

ଏକା ସାଙ୍ଗରେ ଦୁଇ ଭାଇଙ୍କ ମୃତ୍ୟୁ ଖବର ସାରା ଗାଁକୁ ସ୍ତବ୍ଧ କରି ଦେଇଛି। ନୁରୁଦ୍ଦିନ ଅନସାରୀ ଦିନ ମଜୁରିଆ। ଭାବେ କାମ କରନ୍ତି। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ସେ ନିଜ ପରିବାର ସହିତ ରାଇସୁଆଁରେ ଭଡା ଘରେ ରହୁଥିଲେ । ଦୁଇ ପୁଅଙ୍କୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛି ।



# ପାରିବାରିକ କହଳରୁ ଗୋଟିଏ ଦିନରେ ୨ମହିଳାଙ୍କ ଆତ୍ମହତ୍ୟା

**୧୦ ।୩:(ମନ୍ଥନ),ଯୋଡା** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ହୁଡିସାହି ଅଞ୍ଚଳରେ ରବିବାର ରାତି ପାରିବାରିକ କହଳ ଉତ୍ୟକ୍ତ ହେଇ ରୋଷେଇ ଘରେ ଥିବା ଏଙ୍ଗେଲେ ରେ ଫାସି ଲଗେଇ ମହିଳା ଙ୍କ ମୃତ୍ୟ ହୋଇଥିବା ଜଣାପଡିଛି । ମୃତକ ମହିଳା ଜଣଙ୍କ ହେଲେ ହୁଡିସାହି ଅଞ୍ଚଳର ସୁନାୟୁ କାରୁଅ। ସ୍ୱାମୀ-ଦୀପକ କାରୁଅ। ବୟସ(୩୦) ବୋଲି ଜଣାପଡିଛି । ସୂଚନମୁତାବକ ରବିବାର ଦିନ ସ୍ୱାମୀ ସ୍ତ୍ରୀ ମ୍ଧରେ କୌଣସି କାରଣରୁ ବଚଷା ହୋଇଥିଲା । ଏ ନେଇ ସୁନାୟୁ ରୋଷେଇ ଘରେ ଥିବା ଏକ ଏଙ୍ଗେଲ ରେ ଫାଶୀ ଲଗେଇ ଆତ୍ମହତ୍ୟା କରିଥିଲେ । ସମବାର ସକାଳୁ ପୋଲିସ ଖବର ପାଇ ସାଇଣ୍ଟିଫିକ ଟିମ ଏବଂ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତ ରେ ଶବ ବ୍ୟବଛେଦ ପାଇଁ ପଠେଇ ତଦନ୍ତ ଜାରୀରଖିଛନ୍ତି। ସେହିପରି ଯୋଡ଼ା ୧୪ ନମ୍ବର ୱାର୍ଡ ସ୍ଥିତ ବିରକୁଣ୍ଡି ଅଞ୍ଚଳରେ ସମବାର ଦିପହର ରେ ଜଣେ ମହିଳା ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ଯମହିଳା ଙ୍କ ନା ଉର୍ମିଳା ଲାଗୁରି ବୟସ( ୨୩) ବୋଲି ଜଣାପଡିଛି । ତେବେ ସେ ଦିନବେଳେ ଯୋଡ଼ା ସହରକୁ ଯାଇଥିଲେ ଏବଂ ସେ କାନ୍ଦି କାନ୍ଦି ଦୁଃଖରେ ଘରକୁ ଫେରିଥଲେ । ତାପରେ ସେ କାହାକୁ କିଛି ନ କହି ନିଜ ରୁମ ରେ କବାଟ ଦେଇ ଓଢଣୀ ରେ ଫାଶୀ ଲଗେଇ ଝୁଲିପଡିଥିଲେ । ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥା ରେ ଦେଖି ପୋଲିସ୍ କୁ ଖବର କରିଥିବା ଜଣାପଡିଛି ।

# କୁକୁଡାଖଣ୍ଡିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

**କୁକୁଡ଼ାଖଣ୍ଡି,୧୦ ।୩:(ମନ୍ଥନ)**:କୁକୁଡ଼ାଖଣ୍ଡି ବ୍ଲକ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ ଭି.କୀର୍ତି ଭାସନ ଓ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଜିଲ୍ଲା ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଆରକ୍ଷୀ ଅଧିକ୍ଷକ ଡ଼.ସର୍ବଣା ବିବେକ ଏମ୍ , ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର ଉପସ୍ଥିତିରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । କୁକୁଡ଼ାଖଣ୍ଡି ବ୍ଲକ ପଂଚାୟତ ସମିତି ଅଧିନସ୍ଥ ୨୨ ପଂଚାୟତର ୩୦୩ ଜଣ ଅଭିଯୋଗକାରୀ ନିଜର ଲିଖିତ ଅଭିଯୋଗ ଉପସ୍ଥାପନ କରିଥିଲେ । ବିଭିନ୍ନ ଯୋଜନାର ହାତ ପାହାନ୍ତାରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ କ୍ୟାମ୍ପ ଆୟୋଜନ କରାଯାଇଥିଲା । ଅଭିଯୋଗ ଗୁଡ଼ିକ ମଧରେ ଗ୍ରାମାଚଂଳର ରାସ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ବିଦ୍ଯୁ ସମସ୍ୟା, ଘରବାରି ପଟ୍ଟା, ନୂତନ ରାସନକାର୍ଡ଼, ପାନୀୟ ଜଳ,ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତାକୁ ନେଇ ଅଧିକାଂଶ ଲୋକେ ଅଭିଯୋଗ କରିଥିବା ଦେଖିବାକୁ ମିଳିଥିଲା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ



ବିଭାଗ ପକ୍ଷରୁ ୧୧ଜଣ ନୂତନହିତାଧିକାରୀଙ୍କୁ ଭତା ବଂଟନ, ୨ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ୪ଜଣଙ୍କୁ ହ୍ୱିଇଲ ଚେୟାର. ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ୍ ଏବଂ ଜଣଙ୍କୁ ୩୫୦୦ ବର୍ଦ୍ଧିତ ଭତା ଜିଲ୍ଲାପାଳ ବଂଟନ କରିଥିଲେ । ଇଥିଓପିସ ରୋଗରେ ପୀଡ଼ିତା ଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ ଜଣ ଏବଂ ସିଏମଆରଏଫ୍ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ସମୁଦାୟ ୭୨ ହଜାର ୫୦୦ ଶହ ଟଙ୍କା ବଣ୍ଟନ କରାଯାଇଥିଲା । ଆଜିର ଅଭିଯୋଗ ଶୁଣାଣୀରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ତହସିଲଦାର ରାଜକିଶୋର ପଟ୍ଟନାୟକ, ବିଡ଼ିଓ ଡ଼ଃ ପଲ୍ଲବୀ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ,ଏବିଡ଼ିଓ ସୁପ୍ରଭା ସାହୁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ସିଡ଼ିପିଓ କୁସୁମ କୁମାରୀ ସାହୁ, କୃଷି ଅଧିକାରୀ ସୁବ୍ରତ କୁମାର ବାରିକ, ବ୍ଲକ ଯୋଗାଣ ନିରିକ୍ଷକ ସୁଧାକର ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ଜିପିଓ ଅଶୋକ କୁମାର ପଟ୍ଟନାୟକ, ସଦର ଥାନା ଅଧିକାରୀ ସନ୍ତୋଷ କୁମାର ବେହେରାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଜନପ୍ରତିନିଧି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀଗଣ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

# ବେରବୋଇ ପଞ୍ଚୁଦୋଳ ମେଳଣ ଉଦଯାପିତ, ୩୫ଦେବ ବିଗ୍ରହଙ୍କ ହରିହର ଭେଟ ସମ୍ପନ୍ନ

**ଡେଲାଙ୍ଗ, ୧୦ ।୩:(ମନ୍ଥନ)** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇ ପଞ୍ଚୁଦୋଳ ମେଳଣ ୪ଦିନ ଧରି ଚାଲିଥିବା ବେଳେ ସୋମବାର ଉଦଯାପିତ ହୋଇଯାଇଛି। ଶୁକ୍ରବାର ମଧରାତ୍ର ଜମାଣ ଉତ୍ସବ ରେ ଗ୍ରାମର ବିଭିନ୍ନ ସାହିରୁ ଚିତାକର୍ଷକ ବାଦ୍ୟବିଚିତ୍ରା, ନୃତ୍ୟ ସଂଗୀତ, ନାଗାନାଚ, ଘୋଡାନାଚ, ସଖୀ ନୃତ୍ୟ ଆଦି ଶୋଭାଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁଙ୍କ ଗହଣରେ ମେଳଣ ର ସ୍ଥାନାଧିପତି ଶ୍ରୀ ବ୍ରହ୍ମେଶ୍ୱର ଦେବ ଏବଂ ଶ୍ରୀ ରାଧାମୋହନ ଦେବ ଦୁଇଟି ପୃଥକ ସୁସଜ୍ଜିତ ଦୋଳ ବିମାନ ରେ ମେଳଣ ପଡିଆ। ମଣ୍ଡପ କୁ ବିଜେ ଯାତ୍ରା କରିଥିଲେ । ଖେଲାଉର ର ଖେଲେଶ୍ୱର ଦେବ, ହୁମର ର ଗତଶ୍ୱର ଦେବ, ସହଜପୁର ର ନୀଳକଣ୍ଠେଶ୍ୱର ଦେବ, ପଟଣପୁର ର ଗୋପୀନାଥ ଦେବ, ଓଡ଼ତରବୋଇ ର ତାଳେଶ୍ୱର ଦେବ, ଉଦୟପୁର ର ବାଙ୍କେଶ୍ୱର ଦେବ ଙ୍କ ସହିତ ଜୋକନଡୁଆ, ପଲ୍ଲୀ, ରେଞ୍ଚ, ଗୁଡୁପାଇଲୋ,



ମୁନିନ୍ଦା, ଜୟପୁର ଆଦି ଆଖପାଖ ଗାଁ ରୁ ୩୫ଦେବ ବିଗ୍ରହ ଙ୍କ ଦୋଳବିମାନ ଖୁଣ୍ଟିଲାଗି ହୋଇଥିଲେ । ଉଦଯାପନୀ ଦିବସ ଅପରାହ୍ନରେ ହରିହର ଭେଟ ସମ୍ପନ୍ନ ହୋଇଥିଲା ଯ ଏହି ପବିତ୍ର ହରିହର ଭେଟ ରେ ମେଳଣ ପଡିଆ। ମଧରେ ସହସ୍ରାଧିକ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ମେଳଣ ପଡିଆ। ପ୍ରକମ୍ପିତ ହୋଇଉଠିଥିଲା। ଏହା ସହ ଘଣ୍ଟଘଣ୍ଟା ମହୁରୀ, ଘୋଡାନାଚ, ସଂକୀର୍ତ୍ତନ ସହ ଆତସବାଜୀ ପ୍ରଦର୍ଶନ ରେ ମେଳଣ ପଡିଆ ପ୍ରକମ୍ପିତ ହୋଇଥିଲା। ଭୋଗ ଲାଗିପାରେ ଦେବ ବିଗ୍ରହ ମାନେ ଦୋଳ ବିମାନ ସହ ଖୁଣ୍ଟିରୁ ଉଠି କ୍ରମନ୍ୱୟରେ ଦୋଳବେଦୀ ପରିକ୍ରମା କରିବା ପରେ ସ୍ଥାନାଧିପତି ଶ୍ରୀ ବ୍ରହ୍ମେଶ୍ୱର ଦେବ ଙ୍କ ସମ୍ମୁଖରେ ହରିହର ଭେଟ ହୋଇଥିଲା ।

# ପରିଚାଳନା ବିକାଶ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ

**ଗଞ୍ଜାମ,୧୦ ।୩:(ମନ୍ଥନ)**ସ୍ଥାନୀୟ ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟରେ ପରିଚାଳନା ବିକାଶ କାର୍ଯ୍ୟକ୍ରମର ଉଦଯାପନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜନ ଶିକ୍ଷଣ ସଂସ୍ଥାନ ଅନୁଷ୍ଠାନ ର ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଫ ଏଫ ଡି ସି ସହକାରୀ ନିର୍ଦ୍ଦେଶକ . ଭି ରାମାରାଓ, ଅର୍ଥନୀତି ବିଭାଗ ପ୍ରାକ୍ତନ ପ୍ରାଧ୍ୟାପକ ତଥା ଗଞ୍ଜାମ ଜିଲ୍ଲା କିଉଡା ଦେଭଲପମେଣ୍ଟ ଟ୍ରଷ୍ଟ ଉପଦେଷ୍ଟା ଡ଼ଃ ପୁରୁଷୋତ୍ତମ ସାହୁ,ନବଜୀବନ ଅନୁଷ୍ଠାନ ର ନିର୍ଦ୍ଦେଶକ ବିଶ୍ୱକେଶନ ଛାଟୋଇ ପ୍ରମୁଖ ଯୋଗଦେଇ ଦକ୍ଷତା ବିକାଶ ହିଁ ଅର୍ଥନୈତିକ ଅବିବୃଦ୍ଧି ର ପଥ ପରିଷ୍କାର କରିଥାଏ ବୋଲି ମତ ପ୍ରକାଶ କରିଥିଲେ । ତିନି ଦିନିଆ। ପ୍ରଶିକ୍ଷଣ ଶିବିରାର୍ଥି ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ କୁ ଉମାକାନ୍ତ ବେହେରା ସଂଯୋଜନା କରିଥିଲେ । ଅଂଶୁମାନ ପଟନାୟକ, ସୁବାସ ଚନ୍ଦ୍ର ସାହୁ, ରାଧାରମଣ ପାଢ଼ୀ,ବିଜୟଲକ୍ଷ୍ମୀ ମହାଙ୍କୁଡ଼,ବାଦଲ କୁମାର ଜେନା, ସୀମାଞ୍ଚଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଶିବିରାର୍ଥି ଉପସ୍ଥିତ ରହିଥିଲେ ।

# ଧାନମଣ୍ଡିରେ ମୌଳିକ ସୁବିଧା ମିଳୁନି

**ଯାଜପୁର,୧୦ ।୩:(ମନ୍ଥନ)**ଧାନ କିଣାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ ହୋଇଛି। ସହର ଠାରୁ ଗାଁ ପର୍ଯ୍ୟନ୍ତ ଏଥିନେଇ ରଥ ବୁଲୁଛି । ସମସ୍ତେ ଧାନ ମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯିବା ଠାରୁ ଆରମ୍ଭ କରି ସିସିଟିଭି ଲଗାଇବା ପର୍ଯ୍ୟନ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏସବୁ ସତ୍ତ୍ୱେ ଜିଲାରେ ଧାନ କିଣା କାର୍ଯ୍ୟକ୍ରମ ପ୍ରହଶନ ପାଲଟିଛି । କାରଣ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ମଣ୍ଡି ଦାୟିତ୍ୱରେ ଥିବା ସମ୍ପାଦକ ଚାପି ଦେଇଛନ୍ତି । ଧାନ କିଣାରେ ଚାଲିଥିବା ଅନିୟମିତତା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ ଜିଲା ପ୍ରଶାସନ ନିଦ୍ରାରେ ।ଧାନ କିଣା କାର୍ଯ୍ୟକ୍ରମକୁ କିଛି ଅସାଧୁ କର୍ମଚାରୀ ଓ ମଣ୍ଡି ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିର ସମ୍ପାଦକ ଚାଷୀଙ୍କ ଦାନାପାଣିକୁ ଛଡ଼ାଇ ନେଇ ନିଜେ ଆର୍ଥୀକ ଫାଇଦା ନେଉଛନ୍ତି । ସରକାରୀ କାଗଜ ପତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଧାନମଣ୍ଡି ପରିଚାଳନା କରୁଛନ୍ତି ବୋଲି ଦର୍ଶାଉଥିବା ବେଳେ ପ୍ରକୃତ ପକ୍ଷେ ବେପାରୀ ଏହି ଦାୟିତ୍ୱକୁ ତୁଲାଉଛନ୍ତି । ଯାହାକି ମହିଳାଙ୍କୁ ଅସ୍ତ୍ର କରି ଦାୟିତ୍ୱ ନେଇଥିବା କିଛି ଧାନ ବେପାରୀ ନିଜ ରୋଜଗାରରେ ବ୍ୟସ୍ତ ରହୁଛନ୍ତି। ଉଦାହରଣ ସ୍ୱରୂପ ଯାଜପୁର ବ୍ଲକର ତ୍ରୀଦେବ ମହିଳା ଏସ୍‌ଏଚ୍‌ଜିକୁ ଦୃଷ୍ଟିକୁ ଆଣିଲେ ଯାଜପୁର ଜିଲାରେ ଧାନ କିଣା କିପରି ଚାଲିଛି ତାହା ସହଜରେ ବୁଝା ପଡୁଛି । ଚଳିତ ଖରିଫ ଋତୁରେ ଏହି ଏସ୍‌ଏଚ୍ ଜି ୨୦ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଥିଲା। ଗତ ୭ତାରିଖ ସୁଦ୍ଧ ସମ୍ପୃକ୍ତ ଏସ୍‌ଏଚ୍‌ଜି ୧୬ହଜାର ୫୮୬.୭୨କୁଇଂଟାଲ ଧାନ କିଣିଛି ବୋଲି ସରକାରୀ ଭାବେ ଦର୍ଶାଯାଉଛି । ଟ୍ରକରୁ ଅଧିକ ଧାନ ବୋଝେଇ ଗାଡ଼ି ୪ଜଣ ମିଲରଙ୍କ ପାଖକୁ ପଠାଯାଇଥିବ । ଅନ୍ୟପକ୍ଷରେ ଏତେ କମ୍ ସମୟ ମଧ୍ୟରେ ଏତେ ପରିମାଣରେ ଧାନ କିଣିବା ଅସମ୍ଭବ ବୋଲି ସ୍ଥାନୀୟ ଚାଷୀକହିଛନ୍ତି। ବଡ଼ କଥା ହେଉଛି ଜିଲାର ଅଧିକାଂଶ ମଣ୍ଡିରେ ହଜାର ହଜାର କୁଇଂଟାଲ ଧାନ ପଡ଼ି ରହିଥିବା ବେଳେ ତ୍ରିଦେବ ମହିଳା ଏସ୍‌ଏଚ୍‌ଜି ପ୍ରାୟ ୬୫ଟ୍ରକରୁ ଅଧିକ ଧାନ କିପରି ମିଲର ମାନଙ୍କ ପାଖକୁ ପଠାଇଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଏଚ୍‌ଜି ଏତେ ପରିମାଣରେ ଧାନ କେଉଁ ଅଂଚଳ ଚାଷୀମାନଙ୍କ ଠାରୁ କିଣିଛି ! ଏହି ଧାନକୁ ଚାଷୀମଣ୍ଡିରେ ଦେଉଥିବା ବେଳର ଫଟୋ, ମଣ୍ଡ ନିକଟରେ ଗାଡ଼ିରେ ଧାନ ଲୋଡ଼ିଙ୍ଗ ସମୟରେ ମିଲର କିମ୍ବା ତାଙ୍କ କର୍ମଚାରୀ ଉପସ୍ଥିତ ଥିବାର ଫଟୋ, ଟ୍ରକରେ ଧାନ ଲୋଡ଼ିଙ୍ଗ ହେଉଥିବାର ଫଟୋ ଇତ୍ୟାଦି ବିଭିନ୍ନ ଦିଗ ଉପରେ ଓଂାରେ ଲାଗିଥିବା ସିସିଟିଭି କ୍ୟାମେରାରେ ସବୁ କିଛି ରେକର୍ଡ଼ ହୋଇଥିବା। ତେଣୁ ଯାଜପୁର ଜିଲା ନାମକୁ ମାତ୍ର ଏହି ଏସ୍‌ଏଚ୍‌ଜିର କ୍ୟାମେରାକୁ ଠିକ୍ ଭାବେ ଯାଂଚ କଲେ ଜିଲାରେ ଧାନ କିଣାକିପରି ଚାଲିଛି ସହଜରେ ଜାଣି ପାରିବେ ବୋଲି ଚାଷୀଙ୍କ ପକ୍ଷରୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଗତ ଖରିଫ ଋତୁରେ ଏହି ଏସ୍‌ଏଚ୍‌ଜି ବ୍ୟାସନଗର ତହସିଲ କୋରାଇ ବ୍ଲକର ୯୩ ଜଣ ଚାଷୀଙ୍କ ଠାରୁ ଧାନ କିଣିଥିଲେ। କୋରାଇ ବ୍ଲକର ଚାଷୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସେଠାରେ କୌଣସିମଣ୍ଡି ଖୋଲାଯାଇ ନଥିବା ବୋଲି ବୁଜାପଡୁଛି । ଏଥିନେଇ ସେ ସମୟରେ ବହୁ ହୋ-ହାଲା ହୋଇଥିଲେ ମଧ୍ୟ ଏଡହି ଘଟଣାକୁ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଚାଷି ଦେଇଥିଲେ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଯାଜପୁର ଜିଲାପାଳ ଏହି ଏସ୍‌ଏଚ୍‌ଜିର ସିସିଟିଭିକୁ ଦେଖିବା ପରେ ବୈଠକରେ ନିଜେ କରିଥିବା ତାଗିଦ୍‌କୁ ସେ କେତେ ଦୂର କାର୍ଯ୍ୟକାରୀ କରିବେ ତାହା ଦେଖିବାକୁ ବାକି ରହିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଦିଲ୍ଲିପ ପାଣିଗ୍ରାହୀଙ୍କ ପଚାରିବାରେ ଏ ଦିଗରେ ତଦନ୍ତ କରାଯିବ ଏବଂ ଅନିୟମିତତା ହୋଇଥିଲେ ସମ୍ପୃକ୍ତ ଏସ୍‌ଏଚ୍‌ଜି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉତର ଦେଇଥିଲେ ।

# ବଲଙ୍ଗା ପଞ୍ଚୁଦୋଳ ମେଳଣରେ ଉପମୁଖ୍ୟମନ୍ତ୍ରୀ

**ବଲଙ୍ଗା,୧୦ ।୩:(ମନ୍ଥନ)**ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ବଲଙ୍ଗା ପଞ୍ଚୁଦୋଳ ମେଳଣରେ ଥାନପତି ଠାକୁର ବଲଙ୍ଗାର ଆରାଧ ଠାକୁର ପଶ୍ଚିମାଶମ୍ଭୁ ଶ୍ରୀ ଶ୍ରୀ ବକ୍ରେଶ୍ୱର ମହାଦେବ ଓ ବିଭିନ୍ନ ଗ୍ରାମ ମାନଙ୍କରୁ ଆସି ମେଳଣରେ ଦୋଳ ବିମାନରେ ବିରାଜମାନକରିଥିବା ଠାକୁର ମାନଙ୍କୁ ଦର୍ଶନକରି ଭକ୍ତି ପୁଷ୍ପ ଅର୍ପଣ ସାଙ୍ଗକୁ ସମଗ୍ର ଓଡିଶା ବାସୀ ଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି । ସୋମବାର ରାତିରେ ହଜାର ହଜାର ସମବେତ ଶ୍ରଦ୍ଧାଳୁଙ୍କ ଗହଣରେ ସେ ଏହି ଭକ୍ତିମୟ ପରିବେଶରେ ସାମିଲ ହୋଇଥିଲେ। ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ଦଳୀୟ କର୍ମୀବୃନ୍ଦ, ମେଳଣ କମିଟୀର ସଦସ୍ୟ ଗଣ ଓ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ସାମିଲହୋଇଥିଲେ ।

# ବଳଦେବଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୦ ।୩:(ମନ୍ଥନ)**ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ଆସନ୍ତା ୧୫ତାରିଖରେ ପ୍ରଥମଥର ପାଇଁ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେବ। ଏନେଇ ଶେଷ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୁଳସୀକ୍ଷେତ୍ର ପରିକ୍ରମା ଓ ଜ୍ୟୋତିଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଜ୍ୟୋତି ଆସନ୍ତା ୧୫ତାରିଖ ରବିବାର ସକାଳ ୬ ଟାରେ ଇଛାପୁରସ୍ଥିତ ଶ୍ରୀଜୀଉଙ୍କ ମନ୍ଦିର ନିକଟରୁ ବାହାରି ଶ୍ରୀବଳଦେବଜୀଉଙ୍କ ଲୀଳା ସହ ସଂଶ୍ଳିଷ୍ଟ ଜିଲ୍ଲାର ବିଭିନ୍ନ ପୀଠ ପରିକ୍ରମା କରିବା ପରେ ସନ୍ଧ୍ୟାରେ ପୁନର୍ବାର ଶ୍ରୀଜୀଉଙ୍କ ପୀଠକୁ ଫେରିଆସିବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଶ୍ରୀମା ନିବେଦନ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ପ୍ରଫେସର ନନ୍ଦ କିଶୋର ପରିଡା, ଡ. କାଳିପ୍ରସନ୍ନ ଶତପଥୀ, ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଡ. ବାସୁଦେବ ଦାସ, ରଞ୍ଜିତ କୁମାର ସାହୁ, ଅଭିମନ୍ୟୁ ଗୋଛାୟତ, ଶଶାଙ୍କଶେଖର ଜେନା, ଅଭିଜିତ ବେହେରା, ଗୋଲଖ ଚନ୍ଦ୍ର ବେହେରା, ପ୍ରଦୀପ୍ତ ମହାନ୍ତି, ଟିଟିକାନ୍ତ ନାୟକ, ଭାଗିରଥି ଜେନା, ମନ୍ମଥନାଥ ବରାଳ, ନିରଞ୍ଜନ ମେକାପ, କୁଳମଣି ଦାସ, ନୃସିଂହ ତ୍ରିପାଠୀ, ସରୋଜ ମହାନ୍ତି, ସଞ୍ଜୟ ଜେନା, ପପୁନ ସ୍ୱାଇଁ, ଉମେଶ ଦାସ, ରବିନ୍ଦ୍ର ସାହୁ, ରମେଶ ସାହୁ, ଜ୍ଞାନରଞ୍ଜନ ପ୍ରଧାନ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବ୍ରହ୍ମଚାରୀ ନୃସିଂହନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସନ୍ତା ୨୦ରୁ ଆନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା

**ନବରଙ୍ଗପୁର,୧୦ ।୩:(ମନ୍ଥନ)**ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲ୍ଲାରେ ଆନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିନିମନ୍ତେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ କ୍ଲବ ମଧ୍ୟରେ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଙ୍କୁ ନେଇ ଖେଳାଯିବଯ ଏଥି ନିମନ୍ତେ ଉଭୟ ବାଳକ ଓ ବାଳିକା ପାଇଁ ଦୁଇଟି ଗ୍ରୁପ କରାଯାଇଛି । ଦୁଇ ଦିନ ଧରି ଏଇ କବାଡି ପ୍ରତିଯୋଗିତା ଲିଗ୍ ପର୍ଯ୍ୟାୟରେ ଖେଳାଯିବ ଏବଂ ଆସନ୍ତା ୨୨ ତାରିଖ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହି ସମସ୍ତ ଖେଳ ଜିଲ୍ଲା ସଦରମହକୁମା ସ୍ଥିତ ନବରଙ୍ଗପୁର ଷ୍ଟାଡିୟମ୍ ରେ ଅନୁଷ୍ଠିତ ହେବ । ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗହାଣ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷା ବିଭାଗର ଆଇ ପି ପ୍ରଭାତ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ସଂଘର କ୍ରିକେଟ



ସମ୍ପାଦକ ଅଶୋକ ନାୟକ, ଇଥେଲ୍ଟିକ ସମ୍ପାଦକ ଜ୍ୟୋତି ପରିଛା, କାର୍ଯ୍ୟ ନିର୍ବାହୀ ସଦସ୍ୟ ଶୁଭେନ୍ଦୁ ବେହେରା, ଶଶାଙ୍କ ଶେଖର ବେହେରା, ଚନ୍ଦ୍ର ଶେଖର ରାଜା , ଦୁର୍ଯ୍ୟ ହରିଜନ , କ୍ରୀଡା ଶିକ୍ଷକ କିଶୋର ସିଲ୍, ସପନ ବୈରାଗୀ, ଫିରୋଜ ହିଆଲ, ବନ୍ଦିତା ଦଣ୍ଡସେନା, ପୁରଭି ପରିଡ଼ା, ସରନ ପୁଷ୍ପା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉଦଯାପନୀ ସମାରୋହରେ କ୍ରୀଡା ପାଇଁ ଜିଲ୍ଲାକୁ ଗୌରାନ୍ୱିତ କରିଥିବା ଛାତ୍ର ଛାତ୍ରୀ ଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକ ରେ ନିଷ୍ପତ୍ତି ନିଆଗଲା। ଏହି ପ୍ରତିଯୋଗିତାରେ ଅତିଥି ଭାବରେ ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସମେତ ଜିଲ୍ଲାର ଗଣମାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଅଙ୍ଗାରଗାଁ ଗୌଡିୟ ବେଦାନ୍ତ ବିଦ୍ୟାଳୟକୁ ଆନ୍ତର୍ଜାତୀୟ ଭକ୍ତମାନଙ୍କ ଆଗମନ

**କୋଦଳା,୧୦ ।୩:(ମନ୍ଥନ)** ଆନ୍ତର୍ଜାତୀୟ ଗୌଡିୟ ବେଦାନ୍ତ ଟ୍ରଷ୍ଟ ଓ ଗୌଡିୟ ବେଦାନ୍ତ ଏଜୁକେସନାଲ୍ ସୋସାଇଟି (ଏଠରଝ) ର ନିର୍ଦ୍ଦେଶନାରେ ପରିଚାଳିତ ଗୌଡିୟ ବେଦାନ୍ତ ବିଦ୍ୟାଳୟ ଅଙ୍ଗାରଗାଁ କୁ ସୋମବାର ଦିନ ଆନ୍ତର୍ଜାତୀୟ ଭକ୍ତମାନଙ୍କ ଆଗମନ କରିଥିଲେ । ଏହି ଦଳରେ ବିଶ୍ୱର ୨୦ରୁ ଅଧିକ ଦେଶର ଭକ୍ତମାନେ ଯୋଗଦେଇଥିଲେ । ଶ୍ରୀଲ ଗୁରୁଦେବ ଓଁ ନିତ୍ୟଲୀଳା ପ୍ରବିଷ୍ଟ ବିଷ୍ଣୁପାଦ ଅଷ୍ଟୋତ୍ତରଶତ ଶ୍ରୀ ଶ୍ରୀମଦ୍ ଭକ୍ତିବେଦାନ୍ତ ନାରାୟଣ ଗୋସ୍ୱାମୀ ମହାରାଜଙ୍କ ନିର୍ଦ୍ଦେଶନାରେ କୃଷ୍ଣଚେତନାର ଯେଉଁ ମାନେ ଅନୁସରଣ କରୁଛନ୍ତି ସେହି ଭକ୍ତ ମାନେ



ଯୋଗ ଦେଇଥିଲେ । ଏହି ଆଗମନରେ ନେତୃତ୍ୱ ନେଇଥିଲେ ଶ୍ରୀ ଶ୍ରୀମଦ୍ ବି.ଭି. ବନ ଗୋସ୍ୱାମୀ ମହାରାଜ,ଶ୍ରୀ ଶ୍ରୀମଦ୍ ବି.ଭି. ଶ୍ରୀଧର ଗୋସ୍ୱାମୀ ମହାରାଜ, ଶ୍ରୀପାଦ ବି.ଭି. ବୋଧାୟନ ମହାରାଜ ସମେତ ଅନ୍ୟମାନେ। ଏଥିସହିତ ସ୍ଥାନୀୟ ପ୍ରମୁଖ ବ୍ୟକ୍ତିବିଶେଷ ଏବଂ ଗୌଡିୟ ବେଦାନ୍ତ ବିଦ୍ୟାଳୟର ସ୍ଥାନିୟ ପରିଚାଳନା କମିଟି ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ। ଭ୍ରମଣ ସମୟରେ ଏହି ଆନ୍ତର୍ଜାତୀୟ ଭକ୍ତମାନେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ବୈଦିକ ଶାସ୍ତ୍ରର ଶାଶ୍ୱତ ଜ୍ଞାନ ଆଧାରିତ ମୂଲ୍ୟବୋଧ ସମ୍ପନ୍ନ ଶିକ୍ଷାର ଗୁରୁତ୍ୱ ବିଷୟରେ ଅନୁପ୍ରେରଣା ଦେଇଥିଲେ। ସେମାନେ କହିଥିଲେ ଯେ ଆଧୁନିକ ଶିକ୍ଷା ସହ ଆଧ୍ୟାତ୍ମିକ ସଂସ୍କାର ଓ ନୈତିକ ମୂଲ୍ୟବୋଧ ଯୋଡ଼ିଲେ ଛାତ୍ରଛାତ୍ରୀ ମାନଙ୍କ ସମ୍ପୂର୍ଣ୍ଣ ବିକାଶ ସମ୍ଭବ । ଏହି ଅବସରରେ ଭକ୍ତମାନେ ଓ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ସମାଜ ମଧ୍ୟରେ ଆଧ୍ୟାତ୍ମିକ ଓ ସମଗ୍ର ଶିକ୍ଷାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା । ଏହି ଶିକ୍ଷା ପ୍ରଣାଳୀରେ ପାଠ୍ୟ ଶିକ୍ଷା ସହିତ ନାମସଂକୀର୍ତ୍ତନ, ଧ୍ୟାନ, ଯୋଗ ଓ ଚରିତ୍ର ଗଠନମୂଳକ କାର୍ଯ୍ୟକଳାପ ମଧ ଅନ୍ତର୍ଭୁକ୍ତ । ବିଭିନ୍ନ ଦେଶରୁ ଆସିଥିବା ଭକ୍ତମାନେ ନିଜ ଅନୁଭବ ଅଂଶୀଦାର କରି କହିଥିଲେ ଯେ ଆଧ୍ୟାତ୍ମିକ ଓ ବୈଦିକ ମୂଲ୍ୟବୋଧ ଆଧାରିତ ଶିକ୍ଷା ପ୍ରଣାଳୀ ତାଙ୍କ ଦେଶରେ ଶିଶୁମାନଙ୍କ ଚରିତ୍ର ଗଠନ, ଶିଷ୍ଟାଚାର ଓ ସାମାଜିକ ସମନ୍ୱୟ ବୃଦ୍ଧିରେ ବଡ଼ ଭୂମିକା ନେଉଛି । ଏହି ଭ୍ରମଣ ମାଧ୍ୟମରେ ଏହା ସ୍ପଷ୍ଟ ହୋଇଛି ଯେ ବୈଦିକ ଶିକ୍ଷା ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଆଧାରିତ ଶିକ୍ଷା ପ୍ରଣାଳୀ ଏକ ଶାନ୍ତିମୟ, ସଂସ୍କାରସମ୍ପନ୍ନ ଓ ସମତାମୂଳକ ସମାଜ ଗଠନରେ ମହତ୍ତ୍ୱପୂର୍ଣ୍ଣ ଯଶେଷରେ ଗୌଡିୟ ବେଦାନ୍ତ ବିଦ୍ୟାଳୟ ପରିଚାଳନା ପକ୍ଷରୁ ଆଗତ ବୈଷ୍ଣବ ସନ୍ୟାସୀ ଓ ଆନ୍ତର୍ଜାତୀୟ ଭକ୍ତମାନଙ୍କୁ ତାଙ୍କର ଆଶୀର୍ବାଦ ଓ ପ୍ରେରଣା ପାଇଁ ଗଭୀର କୃତଜ୍ଞତା ଜଣାଯାଇଛିଯ ତାଙ୍କର ଏହି ଦର୍ଶନ ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ସମାଜକୁ ଆଗାମୀ ପିଢ଼ି ପାଇଁ ଆଧ୍ୟାତ୍ମିକ ଓ ଶାସ୍ତ୍ରମୂଳକ ମୂଲ୍ୟବୋଧ ସହିତ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବାରେ ଅଧିକ ଉତ୍ସାହିତ କରିଛି ବୋଲି ସୂଚନା ଦେଇଛନ୍ତି ସ୍ଥାନିୟ ପରିଚାଳନା କମିଟି ।

# ବଳଦେବଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ପାଇଁ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୦ ।୩:(ମନ୍ଥନ)**ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ଆସନ୍ତା ୧୫ତାରିଖରେ ପ୍ରଥମଥର ପାଇଁ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହେବ। ଏନେଇ ଶେଷ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୁଳସୀକ୍ଷେତ୍ର ପରିକ୍ରମା ଓ ଜ୍ୟୋତିଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଜ୍ୟୋତି ଆସନ୍ତା ୧୫ତାରିଖ ରବିବାର ସକାଳ ୬ ଟାରେ ଇଛାପୁରସ୍ଥିତ ଶ୍ରୀଜୀଉଙ୍କ ମନ୍ଦିର ନିକଟରୁ ବାହାରି ଶ୍ରୀବଳଦେବଜୀଉଙ୍କ ଲୀଳା ସହ ସଂଶ୍ଳିଷ୍ଟ ଜିଲ୍ଲାର ବିଭିନ୍ନ ପୀଠ ପରିକ୍ରମା କରିବା ପରେ ସନ୍ଧ୍ୟାରେ ପୁନର୍ବାର ଶ୍ରୀଜୀଉଙ୍କ ପୀଠକୁ ଫେରିଆସିବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଶ୍ରୀମା ନିବେଦନ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ପ୍ରଫେସର ନନ୍ଦ କିଶୋର ପରିଡା, ଡ. କାଳିପ୍ରସନ୍ନ ଶତପଥୀ, ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଡ. ବାସୁଦେବ ଦାସ, ରଞ୍ଜିତ କୁମାର ସାହୁ, ଅଭିମନ୍ୟୁ ଗୋଛାୟତ, ଶଶାଙ୍କଶେଖର ଜେନା, ଅଭିଜିତ ବେହେରା, ଗୋଲଖ ଚନ୍ଦ୍ର ବେହେରା, ପ୍ରଦୀପ୍ତ ମହାନ୍ତି, ଟିଟିକାନ୍ତ ନାୟକ, ଭାଗିରଥି ଜେନା, ମନ୍ମଥନାଥ ବରାଳ, ନିରଞ୍ଜନ ମେକାପ, କୁଳମଣି ଦାସ, ନୃସିଂହ ତ୍ରିପାଠୀ, ସରୋଜ ମହାନ୍ତି, ସଞ୍ଜୟ ଜେନା, ପପୁନ ସ୍ୱାଇଁ, ଉମେଶ ଦାସ, ରବିନ୍ଦ୍ର ସାହୁ, ରମେଶ ସାହୁ, ଜ୍ଞାନରଞ୍ଜନ ପ୍ରଧାନ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବ୍ରହ୍ମଚାରୀ ନୃସିଂହନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚବଟୀରେ ଭକ୍ତିମୟ ପରିବେଶରେ ଦୋଳ ମେଳଣ

**ଫୁଲନଖରା,୧୦ ।୩:(ମନ୍ଥନ)**ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଫୁଲନଖରା-ନିଆଳି ରାସ୍ତା ପାର୍ଶ୍ୱସ୍ଥ ପଞ୍ଚବଟୀ ପୀଠରେ ପ୍ରତିବର୍ଷ ଭଳି ଏହିବର୍ଷ ମଧ ପଞ୍ଚବଟୀ ଦୋଳ ମେଳଣ ଦୁଇ ଦିନ ଧରି ମହାସମାରୋହ ଓ ଭକ୍ତିମୟ ପରିବେଶ ମଧରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୋଳ ମେଳଣ ଅଞ୍ଚଳର ଏକ ପ୍ରାଚୀନ ଓ ପାରମ୍ପରିକ ଉତ୍ସବ ଭାବେ ପରିଚିତ ହୋଇଥିବା ସହ ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଅନେକ ଭକ୍ତ ଓ ଦର୍ଶନାର୍ଥୀଙ୍କ ଭିଡ଼ ଜମା ହୋଇଥିଲା । ଉତ୍ସବର ପ୍ରଥମ ଦିନ ରାତ୍ରି ପ୍ରାୟ ୧୨ଟା ସମୟରେ ଜୟରଶାସନ, ଗୁଆଳି, ଜଗନ୍ନାଥପୁର, ଗୋହଳ ଓ ଚରିଘରିଆ। ଆଦି ୫ଟି ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନମାନ ପାରମ୍ପରିକ ବାଦ୍ୟବାଦନ ଓ ଆଲୋକ ସଜ୍ଜା ସହିତ ବିଭିନ୍ନ ରୋଷଣୀ ମଧ୍ୟରେ ତ୍ରିନାଥ ବଜାରରେ ଏକତ୍ରିତ ହୋଇଥିଲେ। ପରେ ସେଠାରୁ ବିରାଟ ଏକ ଶୋଭାଯାତ୍ରା ଆକାରେ ଦୋଳ ବିମାନମାନ ଯାତ୍ରା କରି ଜୟରଶାସନ ପଞ୍ଚବଟୀ ସ୍ଥିତ ପବିତ୍ର ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ଭୋର ସମୟରେ ପହଞ୍ଚିଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ଏହି ଶୋଭାଯାତ୍ରାକୁ ଦେଖି ଆନନ୍ଦ ଅନୁଭବ କରିଥିଲେ । ପଞ୍ଚବଟୀ ପୀଠରେ ଦୋଳ ବିମାନମାନ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯାଇଥିଲା । ଏଥିରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଦର୍ଶନାର୍ଥୀ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ । ଦ୍ୱିତୀୟ ଦିନ ସନ୍ଧ୍ୟା ସମୟରେ ୪୮ ମଣ୍ଡଳ ସଙ୍କୀର୍ତ୍ତନ ପକ୍ଷରୁ ଭକ୍ତିମୟ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଭକ୍ତମାନଙ୍କ ମନକୁ ଭକ୍ତିରସରେ ଭରିଦେଇଥିଲା। ଏହି ଦୋଳ ମେଳଣକୁ ଆକର୍ଷଣୀୟ କରିବା ପାଇଁ ମେଳଣ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ମୀନାବଜାର, ଖେଳନା ଦୋକାନ, ଖାଦ୍ୟ ଷ୍ଟଲ୍ ଓ ବ୍ୟବସାୟୀକ ଦୋକାନ ମଧ୍ୟ ପଡ଼ିଥିଲା । ଏହା ଫଳରେ ମେଳଣ ପ୍ରାଙ୍ଗଣରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲାଯ ଆଖପାଖ ଗ୍ରାମ ଓ ଅଞ୍ଚଳର ଲୋକମାନେ ମୀନାବଜାରରୁ ବିଭିନ୍ନ ସାମଗ୍ରୀ କିଣାବିକା କରିଥିଲେ । ଏହି ଦୋଳ ମେଳଣରେ ଅନ୍ୟୁନ ପାଞ୍ଚ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲ । ଏତେ ବୃହତ ସମାଗମ ସତ୍ତ୍ୱେ ଉତ୍ସବଟି ଶାନ୍ତି ଓ ଶୃଙ୍ଖଳାର ସହିତ ସମାପନ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାହାଳ ଥାନା ଆଇ.ଆଇ.ସି ଅଶ୍ୱିନୀ କୁମାର ଜେନାଙ୍କ ନେତୃତ୍ୱରେ ତିନି ପ୍ଲାଟୁନ ପୋଲିସ ଫୋର୍ସ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ମୁତୟନ ହୋଇଥିଲେ ଓ ସମଗ୍ର କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରଖିଥିଲେ । ପୋଲିସ ପ୍ରଶାସନ ଓ ସ୍ଥାନୀୟ ମେଳଣ କମିଟିର ସହଯୋଗରେ ଏହି ପାରମ୍ପରିକ ଦୋଳ ମେଳଣ ଶାନ୍ତି ଶୃଙ୍ଖଳାର ସହ ସଫଳତାର ସହିତ ସମାପନ ହୋଇଥିବା ଦେଖାଯାଇଛି । ଏହି ଉତ୍ସବ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ଆହୁରି ସୁଦୃଢ଼ କରିଥିବା ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମାଜ ସେବାରେ ଭିନ୍ନ ଦିଗନ୍ତ

**ଡ଼ଃ.ଅରୁନ୍ଧତୀ ଦେବୀ**

ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜ ସେବାର ଗୁରୁ ଦାୟିତ୍ୱକୁ ମନେ ପକାଇବାର ସ୍ମରଣୀୟ ଦିନ । ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି । ଆଜିକାଲି କିଛି ଆଧ୍ୟାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି । ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି । ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି । ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋକେ ପିଇ ଦଣ୍ଡେ ଜିଇଁ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ବା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଞ୍ଚିତ ହୋଇଥାଏ । ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା



ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜ ସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ୍ୟ ହୋଇଥାନ୍ତି । ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଇଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ ।ସମାଜ ସେବା ପାଇଁ ଆଜିର ଯୁବପିଢ଼ୀମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି । ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ'ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ । ଦେଖାଯାଉଛି ଜଣଙ୍କ ହାତପାହାନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି । ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ ଷଢ଼ୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜ ସେବାରେ ନିୟୋଜିତ ରୁହନ୍ତି । ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ । ନର ସେବା ହିଁ ନାରାୟଣଙ୍କ ସେବା । ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନିବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ । ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁଣ୍ଟାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

# ବାୟୁ ପ୍ରଦୂଷଣ ଏବେ ଜାତୀୟ ସଂକଟ

ଦେଶରେ ବାୟୁ ପ୍ରଦୁଷଣ ଏବେ ଆଉ କେବଳ ଜାତୀୟ ରାଜଧାନୀ ଦିଲ୍ଲୀର ଏବଂ ଶୀତକାଳୀନ ସମସ୍ୟା ହୋଇ ରହିନାହିଁ ବୋଲି ସେଂଟର ଫର ରିସର୍ଚ୍ଚ ଅନ ଏନର୍ଜି ଆଣ୍ଡ କ୍ଲିନ ଏୟାର ପକ୍ଷରୁ ହୋଇଥିବା ଏକ ସାଟେଲାଇଟ୍ ଭିତିକ ମୂଲ୍ୟାୟନ ରିପୋର୍ଟରେ କୁହାଯାଇଛି । ଏହି ରିପୋର୍ଟ ଅନୁଯାୟୀ ଦେଶର ୬୦ପ୍ରତିଶତ ଅଂଚଳ ତଥା ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୭୪୯ଟି ଜିଲ୍ଲା ମଧ୍ୟରୁ ପ୍ରାୟ ୪୪୭ଟି ଜିଲ୍ଲାରେ ବାୟୁର ଗୁଣବତା ମାନକ ଜାତୀୟ ବାର୍ଷିକ ମାନକ ୨.୫ ସ୍ତର ଅତିକ୍ରମ କରିଛି । ତେବେ ସବୁଠୁ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଗାଇଡଲାଇନକୁ ଦେଶର କୌଣସି ଗୋଟିଏ ହେଲେ କାର୍ଯ୍ୟକାରୀ କରିନାହାଁନ୍ତି । ସେହିପରି ବାୟୁ ପ୍ରଦୁଷଣ ସମସ୍ୟା ଏବେ ଆଉ କେବଳ ଶୀତଦିନିଆ ସମସ୍ୟା ହୋଇରହିନାହିଁ । କେବଳ ବର୍ଷାଦିନ ତଥା ମୌସୁମୀ ଋତୁକୁ ଛାଡିଦେଲେ ଏହା ଏବେ ଦେଶ ପାଇଁ ଏକ ବାର୍ଷିକ ସମସ୍ୟା ଭାବେ ଉଭା ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ତ୍ରିପୁରା, ପଂଜାମ, ହରିଆନା, ହିମାଚଳପ୍ରଦେଶ, ମେଘାଳୟ ଏବଂ କେନ୍ଦ୍ରଶାସିତ ଅଂଚଳ ଚଣ୍ଡିଗଡରେ କେବଳ ବର୍ଷା ଋତୁ ବ୍ୟତୀତ ଅନ୍ୟ ସମସ୍ତ ଋତୁରେ ଶତପ୍ରତିଶତ ସ୍ତରରେ ବାୟୁ ପ୍ରଦୁଷଣ ରହିଛି । ତେବେ ଦେଶର ସର୍ବୋଚ୍ଚ ୫୦ଟି ପ୍ରଦୁଷିତ ଜିଲ୍ଲା ୪ଟି ଉତରାଚଂଳ ଓ ପୂର୍ବାଚଂଳ ରାଜ୍ୟ ତଥା ଦିଲ୍ଲୀ, ଆସାମ, ହରିଆନା ଏବଂ ବିହାରରେ ରହିଛି । ଆଶ୍ଚର୍ଯ୍ୟଜନକ ଭାବେ ଲୋକପ୍ରିୟ ସ୍ଥାନଗୁଡିକରେ ରାଜ୍ୟସ୍ତରର ପିଏମ୨.୫ ଅପ୍ରକାଶିତ ରହିଛି । ଉଦାହରଣ ସ୍ୱରୁପ ନ୍ୟାଶନାଲ ଆମ୍ବିଏଂଟ ଏୟାରକ୍ୱାଲିଟ୍ (ଏନଏଏକ୍ୟୁ) ମାନଦଣ୍ଡ ତଳେ ମହାରାଷ୍ଟ୍ରର ପ୍ରଦୁଷଣ ସ୍ତର ପିଏମ ୨୫ ତଳେ ଥିବାବେଳେ ୧୪ଟି ଜିଲ୍ଲାର ସ୍ତର ଏନଏଏକ୍ୟୁ ମାନଦଣ୍ଡ ଉପରେ ରହିଛି । ଏହି ପରିସ୍ଥିତି ଋତୁଭିତିକ ବୃଦ୍ଧି ନୁହେଁ କିନ୍ତୁ ସବୁଦିନିଆ ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପଂଜାବ, ହରିଆନା, ସମେତ କେତେକ ଉତର ଭାରତୀୟ ରାଜ୍ୟରେ ବ୍ୟାପକ ନଡାମୂଳ ପୋଡି ଏବଂ ଦୀପାବଳୀ ଉତ୍ସବରେ ଅତ୍ୟଧିକ ମାତ୍ରାରେ ବାଣଫୁଟା ଯୋଗୁଁ ଶୀତଦିନରେ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ବୋଲି କୁହାଯାଇଥାଏ । ନିକଟରେ ଦିଲ୍ଲୀର ବାୟୁ-ପ୍ରଦୁଷଣ ନେଇ ଏକ ପିଟିସନର ଶୁଣାଣୀ କରିବାବେଳେ ନଡାମୂଳ ପୋଡି ଓ ବାଟଫୁଟାକୁ ବାୟୁ ପ୍ରଦୁଷଣର ମୁଖ୍ୟ କାରଣ ଥିବା କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଶେଷ କରି ଇଟା ଭାଟି, ଶିଳ୍ପ, ଡିଜେଲ ଜେନେରେଟର, ନଡାମୂଳ, ଘରୋଇ ଜାଳେଣି, ତାପଜ ବିଦ୍ୟୁତ କେନ୍ଦ୍ର, ଆଖିବୁଜା ନିର୍ମାଣ, ଆବର୍ଜନା ପୋଡି, ବ୍ୟାପକ ଭାବେ ଡିଜେଲ ଓ ପେଟ୍ରୋଲ ଯାନ ବାହାନ ଚଳାଚଳରୁ ନିର୍ଗତ ଧୂଆଁ ବାୟୁପ୍ରଦୁଷଣର କାରଣ ପାଲଟିଛି । ଦିଲ୍ଲୀରେ ଏହାର ସ୍ଥାୟୀ ମୁକାବିଲା ବର୍ତମାନ ସୁଦ୍ଧା ଅବଲମ୍ବନ କରାଯାଇନଥିବା ବେଳେ ସାମୟିକ ଯାନବାହାନ ଚଳାଚଳ ଉପରେ କଟକଣା, ନିର୍ମାଣ ଉପରେ କଟକଣା ଲାଗୁ ହେଉଛି । ବାୟୁ ପ୍ରଦୁଷଣ ଦିଲ୍ଲୀରେ କେବଳ ସ୍ୱାସ୍ଥ୍ୟ ଉପରେ ପକାଇ ନାହିଁ, ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ବିଶେଷ କରି ପିଲାଙ୍କ ପାଠପଢା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଲମ୍ବା ସମୟ ସ୍କୁଲ ଛୁଟି ଏବଂ ସ୍କୁଲ ସମୟ କାଟ୍‌ଛାଟ୍ ଏବେ ଏକ ନୟମିତ ଘଟଣାରେ ପରିଣତ ହୋଇଛି । ଦିଲ୍ଲୀର ପିଲାଙ୍କ ପାଇଁ ସ୍ୱଚ୍ଛ ବାୟୁ ଦୁସ୍ୱପ୍ନ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ । ଶୁଦ୍ଧ ବାୟୁ ପାଇଁ କୃତ୍ରିମ ଅମ୍ଳଜାନ ସିଲିଣ୍ଡର ଏବେ ଜନସାଧାରଣଙ୍କ ଜୀବନ ରକ୍ଷକ ହୋଇଥିବା କୁହାଯାଏ । ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଯକ୍ଷ୍ମା, ଶ୍ୱାସ, ହୃଦଘାତ, ଫୁସ୍‌ଫୁସ୍ ସଂକ୍ରମଣ ଆଦି ରୋଗର ବାହକ ହୋଇଥିବାବେଳେ ବାର୍ଷିକ ୧.୫ ମିଲିଅନ ଲୋକଙ୍କର ଜୀବନ ଯାଉଥିବା ନେଇ ଦି ଲାନସେଟ୍ ପ୍ଲାନେଟାରୀ ପତ୍ରିକାରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି । ଆମ ରାଜ୍ୟରେ ବାୟୁ ପ୍ରଦୁଷଣ ମଧ୍ୟ କିଛି କମ୍ ନୁହେଁ । ଦେଶର ୧୦ଟି ସର୍ବାଧିକ ସହର ମଧ୍ୟରେ ଅନୁଗୁଳର ସ୍ଥାନର ଷଷ୍ଠ ସ୍ଥାନରେ ରହିଛି । ସେହିପରି ରାଜଧାନୀ ଭୁବନେଶ୍ୱରର ବହୁ ଅଂଚଳ ମଧ୍ୟ 'ହୁ'ର ମାନଦଣ୍ଡ ଅତିକ୍ରମ କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଏହା ନିସନ୍ଦେହ ଯେ, ବାୟୁ ପ୍ରଦୁଷଣ ଏବେ ଏକ ଜାତୀୟ ସଂକଟରେ ପରିଣତ ହୋଇଛି । ବାୟୁ ପ୍ରଦୁଷଣର ସ୍ଥାୟୀ ପ୍ରତିକାର କରାନଗଲେ, ଭବିଷ୍ୟତରେ ଆମକୁ ସ୍ୱଚ୍ଛବାୟୁ ପାଇଁ ସଂଗ୍ରାମ କରିବାକୁ ହେବ ।

# ଗୃହ ଶତ୍ରୁ ବିଭୀଷଣ ଓ ଛଦ୍ମବେଶୀ ଉଚ୍ଚଶିକ୍ଷିତ ଆ।ତଙ୍କବାଦୀ ; ବଡ଼ ଚ୍ୟାଲେଞ୍ଜ

**ଦୁର୍ଗେଶ ନନ୍ଦନ ମହାପାତ୍ର**

ଡାକ୍ତରଙ୍କୁ ପୃଥିବୀରେ ଦ୍ୱିତୀୟ ଈଶ୍ୱର କୁହାଯାଏ କାରଣ ସେମାନେ ଚିକିତ୍ସା ମାଧ୍ୟମରେ ମଣିଷକୁ ସୁସ୍ଥ କରି ପୁନର୍ଜନ୍ମ ଦେଇଥାଆ।ନ୍ତି କିନ୍ତୁ ଗତ ନଭେମ୍ବର ଦଶ ତାରିଖରେ ଘଟିଥିବା ଲାଲକିଲ୍ଲା ନିକଟ ଦିଲ୍ଲୀ ବିସ୍ଫୋରଣ ଘଟଣା ଏହି ଦ୍ୱିତୀୟ ଈଶ୍ୱରମାନଙ୍କର ଏମିତି ଚେହେରା ଉଜାଗର କରିଥିଲା ଯାହା ହୁଏତ କେହି ସ୍ୱପ୍ନରେ ଭାବିନଥିବେ ।ବୃତ୍ତିରେ ଡାକ୍ତର ହେଲେ ଅସଲରେ ଥିଲେ ଆ।ତଙ୍କବାଦୀଙ୍କ ଏଜେଣ୍ଟ ! ଭାରତରେ ଆ।ତଙ୍କବାଦୀ କାଣ୍ଡ ଘଟାଇବାକୁ ଷଡ଼ଯନ୍ତ୍ର ରଚିଥିଲେ ଷ୍ଟେଥୋ ବଦଳରେ ଏହି ଡାକ୍ତରମାନେ ରାଇଫଲ ଓ ବିସ୍ଫୋରକ ସାମଗ୍ରୀ ରଖିଥିଲେ । ।ବଲିଉଡ ଓ ହଲିଉଡର କୌଣସି ହରର ବା ଥ୍ରୀଲର ଚଳଚ୍ଚିତ୍ର ପରି ଲାଗୁଥିଲେ ମଧ୍ୟ ଡାକ୍ତରମାନଙ୍କର ଏଭଳି ଏକ ଆ।ତଙ୍କବାଦୀ ନେଟ୍‌ୱର୍କ ଧରାପଡ଼ିବା ପରେ ସମ୍ପୂର୍ଣ୍ଣ ଦେଶ ଦୋହଲିଯାଇଥିଲା ଏମାନଙ୍କୁ ଗୃହଶତ୍ରୁ ବିଭୀଷଣ କହିପାରନ୍ତି , ଦେଶଦ୍ରୋହୀ ବେଇମାନ କହିପାରନ୍ତି ନଚେତ ଭସ୍ମାସୁର ବା ଜହ୍ଲାଦ କହିପାରନ୍ତି ! ଶବ୍ଦ କମ ପଡ଼ିଯିବ କିନ୍ତୁ ଏହି ବେଇମାନଙ୍କ ଲଜ୍ୟାଜନକ ଉପାଧି ସରିବନି । ଏହାପୂର୍ବରୁ ହୁଏତ ଆ।ତଙ୍କବାଦର ଧଳା ଚେହେରା କେହି ଦେଖିନଥିବେ ଭାରତକୁ ବାହ୍ୟ ଶତ୍ରୁମାନଙ୍କର ତ ଚ୍ୟାଲେଞ୍ଜ ଅଛି କିନ୍ତୁ ଦେଶ ଭିତରେ ରହି ଦେଶ ସହ ବିଶ୍ୱାସଘାତକତା କରୁଥିବା ବେଇମାନଙ୍କ ପାଖରୁ ଚ୍ୟାଲେଞ୍ଜ ଭୟଙ୍କର ରୂପରେ ଅଛି ।

ତଦନ୍ତକାରୀ ସଂସ୍ଥା (ଏନଆ।ଇଏ) ଏ ଘଟଣାରେ ଆ।ତଙ୍କବାଦୀଙ୍କ ସଂପୃକ୍ତିର ପ୍ରମାଣ ପାଇବା ପରେ ଆ।ତଙ୍କବାଦର ଗୋଟେ ପରେ ଗୋଟେ ପେଡି ଖୋଲିଥିଲା । ଦିଲ୍ଲୀ ଲାଲକିଲ୍ଲା ନିକଟରେ ଘଟିଥିବା କାଣ୍ଡରେ ଆ।ତଙ୍କବାଦୀ ସଂଗଠନ ଜୈସ ଏ ମହମ୍ମଦର ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସଂପୃକ୍ତିର ପ୍ରମାଣ ମିଳିଥିଲା । ଏହି ମଡ୍ୟୁଲରେ ଭାରତର କିଛି ଡାକ୍ତର, ପ୍ରଫେସର ସଂପୃକ୍ତ ଥିବା ଜଣାପଡିଥିଲା ମହିଳା ଡାକ୍ତର ଶାହିନ ସାହିଦ ମଧ୍ୟ ବିସ୍ଫୋରଣର ବିଷକନ୍ୟା ସାଜିଥିଲେ । କାଶ୍ମୀରରୁ ଦିଲ୍ଲୀ ଯାଏଁ ମହିଳା ଆ।ତଙ୍କବାଦୀ ବ୍ରିଗେଡ୍ ଗଢ଼ିବାକୁ ସେ ପ୍ରସ୍ତୁତ କରିଥିଲେ ବ୍ଲୁପ୍ରିଣ୍ଟ ଆ।ତଙ୍କବାଦୀ ନେଟ୍‌ୱର୍କର ସୁପର ବସ୍ ସାଜି ଗିରଫ ଡାକ୍ତରମାନେ ଦେଶରେ ୨୦୦ ବିସ୍ଫୋରଣ କରିବାକୁ ଯୋଜନା କରିଥିଲେ । ପ୍ରସ୍ତୁତ ହୋଇଥିଲା ୨୬/୧୧ ମୁମ୍ବାଇ ଆ।କ୍ରମଣ ଭଳି ବ୍ଲୁପ୍ରିଣ୍ଟ ଦୁଇ ବର୍ଷ ହେବ ଏଥିପାଇଁ ଠୁଳ ହେଉଥିଲା ବିସ୍ଫୋରକ । ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟର ରୁମ ନଂ ୧୩ ପାଲଟିଥିଲା ମନ୍ତ୍ରଣା କକ୍ଷ ଏଇଠୁ ଟେଲିଗ୍ରାମ ଜରିଆ।ରେ ଭାରତରେ ନରସଂହାର ରଚିବାକୁ ହୋଇଥିଲା ଷଡ଼ଯନ୍ତ୍ର । ଧରାପଡ଼ିଥିବା ଏହି ଆ।ତଙ୍କବାଦୀ ଡାକ୍ତରମାନେ ଉଚ୍ଚଶିକ୍ଷିତ, ଭଲ ପରିବାର, ସମାଜରେ ପ୍ରତିଷ୍ଠିତ ପରିଚୟ ସହ ବଞ୍ଚୁଥିଲେ କିନ୍ତୁ ନିଜ ମାଆ । ମାଟି ଓ ମାନବିକତାକୁ ମାରି ପାକିସ୍ତାନ ପାଇଁ କାମ କରୁଥିଲେ । ସବୁଠାରୁ ଆ।ଶ୍ଚର୍ଯ୍ୟର କଥା ହେଉଛି ଆ।ଗରୁ ଧାରଣା ଥିଲା ଯେ ଅଳ୍ପପାଠୁଆ । ତଥା ମୂର୍ଖ ପିଲାଙ୍କର ବ୍ରେନ ।ସ କରି ତାଙ୍କୁ ଜିହାଦୀ ଆ।ତଙ୍କବାଦୀ ବନାଯାଉଛି ।କିନ୍ତୁ ଆ।ତଙ୍କବାଦର ଉଚ୍ଚଶିକ୍ଷିତ ପାଠୁଆ । ଚେହେରା ଚିନ୍ତାର କାରଣ ପାଲଟିଛି । କିଛି ମାସ ତଳେ ମହାରାଷ୍ଟ୍ରର ଆ।ଣ୍ଟି ଟେରରିଜିମ୍ ସ୍କ୍ୱାଡ୍ () ଦ୍ୱାରା ଗିରଫ ପୁଣେର ଜଣେ ସଫ୍ଟୱେର୍ ଇଞ୍ଜିନିୟର ସମ୍ପର୍କରେ ଏକ ଚାଞ୍ଚଲ୍ୟକର ଖୁଲାସା ହୋଇଥିଲା ଗିରଫ ଯୁବକର ନାମ ଜୁବେର ହଙ୍ଗେରଗେକର, ସେ ମୂଳତଃ ସୋଲାପୁରର ବାସିନ୍ଦା ଆ।ତଙ୍କବାଦୀ ସଂଗଠନ ଅଲ-କାଏଦା ସହିତ ସମ୍ପର୍କ ରଖିବା ଅଭିଯୋଗରେ ତାକୁ ଗିରଫ କରିଥିଲା ଜୁବେର ହଙ୍ଗାରଗେକର ଅଲ-କାଏଦା ପ୍ରତିଷ୍ଠାତା ଓସାମା ବିନ୍ ଲାଡେନଙ୍କ ଭାଷଣ ଦ୍ୱାରା ପ୍ରଭାବିତ ହୋଇଥିଲା



ଗିରଫ କରିବା ପରେ ପୋଲିସ ତା'ପାଖରୁ ଓସାମା ବିନ୍ ଲାଡେନର ଭାଷଣର ଏକ ଉର୍ଦ୍ଦୁ ଅନୁବାଦ ବହି ଜବତ କରିଥିଲା । କେବଳ ସେତିକି ନୁହେଁ କିଛି ଆ।ନ୍ତର୍ଜାତୀୟ ସ୍ତରର କୁଖ୍ୟାତ ତଥା ଉଚ୍ଚଶିକ୍ଷିତ ଆ।ତଙ୍କବାଦୀଙ୍କ ତାଲିକା ଆ।ପଣଙ୍କ ସମ୍ମୁଖରେ ଉଲ୍ଲେଖ କରୁଛି ଏହାକୁ ପଢି ଜାଣନ୍ତୁ ଯେ କୌଣସି ବି ବ୍ୟକ୍ତି ଯେତେ ଉଚ୍ଚଶିକ୍ଷିତ ହୋଇଥାଉ ନା କାହିଁକି ବ୍ରେନ ।ସ କରାଯାଇ ତାକୁ ଆ।ତଙ୍କବାଦୀ କରାଯାଇପାରେ !

ଅଲ କାଏଦା ଆ।ତଙ୍କବାଦୀ ସଂସ୍ଥାର ସଂସ୍ଥାପକ ଓସାମା ବିନ ଲାଡେନ ଜଣେ ସିଭିଲ ଇଞ୍ଜିନିୟର ଥିଲା ଅ ।ଅଲ କାଏଦା ଆ।ତଙ୍କବାଦୀ ସଂସ୍ଥା ମୁଖ୍ୟ ଅୟମାନ ଅଲ ଜବାହିରି ଇଜିପ୍ଟ ଦେଶର କାଇରୋ ବିଶ୍ୱବିଦ୍ୟାଳୟରୁ ଏମବିବିଏସ ଡିଗ୍ରୀ ପ୍ରାପ୍ତ ଜଣେ ଚକ୍ଷୁବିଶେଷଜ୍ଞ ଡାକ୍ତର ।ଅହିଜବୁଲ ମୁଜାହିଦିନ ଆ।ତଙ୍କବାଦୀ ସଂଗଠନର ମୁଖ୍ୟ ସୈୟଦ ସଲାହୁଦ୍ଦିନ ପଲିଟିକାଲ ସାଇନ୍ସ ବିଭାଗରୁ ମାଷ୍ଟର ଡିଗ୍ରୀ ପ୍ରାପ୍ତ ଜଣେ ଉଚ୍ଚଶିକ୍ଷିତ ।ଅ ୧୯୯୩ ମୁମ୍ବାଇ ସିରିଏଲ ବୋମା ବିସ୍ଫୋରଣର ମାଷ୍ଟର ମାଇଣ୍ଡ ୟାକୁବ ମେମନ ଜଣେ ଚାର୍ଟର୍ଡ ଆ।କାଉଣ୍ଟାଣ୍ଟ ଥିଲା ।

ଅଆ।ତଙ୍କବାଦୀ ଅଫଜଲ ଗୁରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବି. କମ (ବାଣିଜ୍ୟ)ରେ ସ୍ନାତକ ଡିଗ୍ରୀ ପ୍ରାପ୍ତ ।ଅଇଣ୍ଡିଆ । ମୁଜାହିଦିନ ଆ।ତଙ୍କବାଦୀ ସଂସ୍ଥାର ଆ।ତଙ୍କବାଦୀ ରିୟାଜ ଭଟକଲ ଜଣେ ସଫ୍ଟୱେର ଇଞ୍ଜିନିଅର ।।

ଅଲସ୍କର ଆ।ତଙ୍କବାଦୀ ସଂଗଠନର ମୁଖ୍ୟ ହାଫିସ ସୟିଦ ମାଷ୍ଟର ଡିଗ୍ରୀ (ସ୍ନାତକୋତ୍ତର) ପ୍ରାପ୍ତ ଜଣେ ଉଚ୍ଚଶିକ୍ଷିତ ଆ।ତଙ୍କବାଦୀ ।

ଏଠାରେ ପ୍ରଶ୍ନ ଉଠୁଛି ଏକ ନିର୍ଦ୍ଦିଷ୍ଟ ଧର୍ମକୁ ନେଇ ଯାହାର ନାଁ ସିଧାସଳଖ ଭାବେ କହିବାକୁ ଗଲେ ଇସଲାମ ଧର୍ମ ଏହା ସତ ଯେ ନିର୍ଦ୍ଦିଷ୍ଟ ଧର୍ମର ସବୁ ବ୍ୟକ୍ତି ଆ।ତଙ୍କବାଦୀ ନୁହଁନ୍ତି କିନ୍ତୁ ସବୁ ଆ।ତଙ୍କବାଦୀ ନିର୍ଦ୍ଦିଷ୍ଟ ଧର୍ମରୁ (ଇସଲାମ) କଣ ପାଇଁ ବାହାରୁଛନ୍ତି ! କଣ ଏହା ପଛର କାରଣ କିଛି ବିବାଦୀୟ କଥାବସ୍ତୁ କି.... ? ଯାହା ଅନେକ ଇସଲାମ ସ୍କଲାର ବା ଧର୍ମଗୁରୁମାନେ ମଧ୍ୟ ସ୍ୱୀକାର କରିଛନ୍ତି, ମୁଖ୍ୟତଃ ୨୬ଟି ଆ।ୟତ ବିବାଦୀୟ ଏବଂ ଏଥିରେ ହିଂସାତ୍ମକ ଉକ୍ତି ଅଛି ବୋଲି କିଛି ଇସଲାମ ଧର୍ମରୁ ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହୋଇଥିବା ବ୍ୟକ୍ତିମାନେ ମତପୋଷଣ କରିଛନ୍ତି ।ମଦରସା ଗୁଡିକରେ ତଥା ବିଭିନ୍ନ କଟ୍ଟରବାଦୀ ମୌଲବୀଙ୍କ (ଇସଲାମ ଧର୍ମଗୁରୁ) ଦଦ୍ୱାରା ସେସବୁ ବିବାଦୀୟ ବିଷୟକୁ ପ୍ରୋତ୍ସାହନ ଦିଆ।ଯାଇ ଇସଲାମ ଧର୍ମାବଲମ୍ବୀ ଯୁବକଙ୍କୁ ଜିହାଦୀ (ମୁଜାହିଦ) ବା ଧର୍ମଯୋଦ୍ଧା ହେବା ପାଇଁ ପ୍ରବର୍ତ୍ତା ଯାଉଛି ଯେଉଁ ବିଷୟ ସମ୍ପୂର୍ଣ୍ଣ ମାନବଜାତି ଓ ବିଶ୍ୱଶାନ୍ତି କ୍ଷେତ୍ରରେ ଏକ ବଡ ସମସ୍ୟା ହୋଇ ଉଭାହୋଇଛି ବୋଲି ନିଜକୁ ସନାତନୀ ମୁସଲମାନ କହୁଥିବା ତଥା ସୁପ୍ରିମକୋର୍ଟ ଆ।ଇନଜୀବୀ ନାଜିଆ। ଇଲାହି ଖାନ ନାମକ ଜଣେ ମୁସଲମାନ ମହିଳା ଦାବି କରିଆ।ସୁଛନ୍ତି ନାଜିଆ। କଟ୍ଟରବାଦୀ ମାନସିକତାକୁ ପ୍ରୋତ୍ସାହନ ଦେଉଥିବା ତଥା ଇସଲାମ ଧର୍ମର ପବିତ୍ର ଧର୍ମଗ୍ରନ୍ଥରେ ଉଲ୍ଲେଖ କରାଯାଇଥିବା ବିଶେଷତଃ ୨୬ଟି ଆ।ୟତଗୁଡ଼ିକୁ ବ୍ୟାନ କରାଯିବା ଓ ସେସବୁକୁ ନେଇ ଖୋଲାମଞ୍ଚରେ ଆ।ଲୋଚନା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଆ।ହ୍ୱାନ ଦେଇଆ।ସୁଛନ୍ତି । ତାଙ୍କ ମତରେ ଏଭଳି ମାନସିକତା ପାଇଁ ବୈଶ୍ୱିକ ସ୍ତରରେ ସାମ୍ପ୍ରଦାୟିକ ହିଂସା ଓ ଆ।ତଙ୍କବାଦ ବଢୁଛି । ତେବେ ମୁଖ୍ୟ ପ୍ରସଙ୍ଗ ହେଉଛି ସତରେ ଯଦି ବି କୌଣସି ବିବାଦୀୟ ବିଷୟବସ୍ତୁ ଇସଲାମ ଧର୍ମରେ ଅଛି ବିଶେଷଭାବେ ସେସବକୁ ନେଇ ଉକ୍ତ ଧର୍ମର କିଛି ରୂଢ଼ିବାଦୀ କଟ୍ଟର ଧର୍ମଗୁରୁମାନେ କିଛି ଇସଲାମ ଧର୍ମାବଲମ୍ବୀ ଲୋକଙ୍କୁ ବିପଥଗାମୀ କରି ଆ।ତଙ୍କବାଦର ଭୟଙ୍କର ରାସ୍ତାରେ ଚାଲିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ତେବେ ନିଶ୍ଚିତରୂପରେ ଏସବୁକୁ ନେଇ ଆ।ଲୋଚନା କରି ସେମାନଙ୍କ ମାନସିକତାକୁ ବୁଝି ଏକ ସ୍ଥାୟୀ ସମାଧାନ ବାହାର କରିବାର ଅତ୍ୟନ୍ତ ଆ।ବଶ୍ୟକତା ରହୁଛି ।ମନକୁ ଅନେକ ପ୍ରଶ୍ନ ଆ।ସୁଛି କଣ ସତରେ ଏତେ ଉଚ୍ଚଶିକ୍ଷା ପାଇକି ମଧ୍ୟ କିଛି ମୁଷ୍ଟିମେୟ କଟ୍ଟର ବ୍ୟକ୍ତିଙ୍କ ପ୍ରରୋଚନାରେ ଆ।ସି ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଏଭଳିଆ। ଭୟଙ୍କର ଆ।ତଙ୍କବାଦୀ ହୋଇପାରନ୍ତି... ? ? ! ! ! ! ନିରୀହ ଲୋକଙ୍କୁ ମାରିବୁ ଓ ମରିବୁ ଭଳି ଭୟଙ୍କର ମାନସିକତା ଯଦି ଡାକ୍ତରୀ ଓ ଅନ୍ୟାନ୍ୟ ପାଠ ପଢିଥିବା କିଛି ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କ ମୁଣ୍ଡ ଭିତରେ ପୁରେଇଦିଆ।ଯାଉଛି, ଯାହାକୁ ଇଂରାଜୀରେ ବ୍ରେନ ।ସିଂ ବୋଲି କୁହାଯାଏ ତାହାଲେ ଯେଉଁମାନେ ମୂର୍ଖ ସେମାନେ ଯେ କେତେ ଭୟଙ୍କର ହେବେ । ଏଥିରୁ କଳନା କରାଯାଇପାରେ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ସୃଷ୍ଟି ପାଇଁ ମାଟି

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ । ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି । ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ତଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ । କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ । ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ । ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର । ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆଧାର କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ । ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ିଦେଇଛି ଅକଳନୀୟ ଶକ୍ତିର ଉତ୍ସ । ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି । ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି । ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି । ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ । ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ । ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ । ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ । ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ । ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି । ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି । ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ । ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ । ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ । ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ । ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ । ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି । ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ । ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା । ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି । ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ । କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ । ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି । କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି । ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି । ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨



# ଏଫଏମ୍ସିଜି ଉତ୍ପାଦ ପାଇଁ ପଲିମର୍ ଅଭାବ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବା ନାଁ ଧରୁନଥିବା ବେଳେ ଏହା ଦ୍ୱାରା ପ୍ରଭାବିତ ହେବାକୁ ବସିଛି ଭାରତୀୟ ଏଫ୍‌ଏମ୍ସିଜି ଶିଳ୍ପ । ବିଶେଷକରି ଏଫଏମ୍ସିଜି ସାମଗ୍ରୀଗୁଡ଼ିକର ପ୍ୟାକିଂ ପାଇଁ ବ୍ୟବହୃତ ପଲିମର୍ ଏକ ପେଟ୍ରୋଲିଅମ୍ ଉତ୍ପାଦ । ଅଶୋଧିତ ତେଲରୁ ଏହାର ଉତ୍ପାଦନ କରାଯାଇଥାଏ । ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲର ଅଭାବ ଲାଗି ରହିବା ସହିତ ଏହାର ଏବେ ଘୋର ଅଭାବ ପରିଲକ୍ଷିତ ହେଉଛି । ଉପସାଗରୀୟ ଅଞ୍ଚଳରୁ ତେଲ ଆମଦାନି ପ୍ରଭାବିତ ହେବା ସହିତ ସେହି ଅଞ୍ଚଳରୁ ପଲିମର୍ ମଧ୍ୟ ଭାରତକୁ ଆସି ପାରୁ ନାହିଁ । ଫଳରେ ଭାରତୀୟ ବଜାରରେ ବିଭିନ୍ନ ସାମଗ୍ରୀ ପ୍ୟାକିଂ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଦ୍ୱାରା ଅଧିକ ପ୍ରଭାବିତ ହୋଇଛି ଏଫ୍‌ଏମ୍ସିଜି ଶିଳ୍ପ । ଏଫଏମ୍ସିଜି ଉତ୍ପାଦଗୁଡ଼ିକ ବଜାରକୁ ଛାଡ଼ିବା ପୂର୍ବରୁ ଏଥିରେ ଯେଉଁ ଖର୍ଚ୍ଚ ହୋଇଥାଏ, ତାହାର ୧୫ ପ୍ରତିଶତ ଏହି ସାମଗ୍ରୀଗୁଡ଼ିକର ପ୍ୟାକିଂ ବାବଦକୁ ହୋଇଥାଏୟ ଆଉ ଏହି ପ୍ୟାକିଂରେ ବ୍ୟବହୃତ ପଲିମର୍ ହେଉଛି ମୁଖ୍ୟ ଉପକରଣ । ଯୁଦ୍ଧ ପରିସ୍ଥିତି ଯୋଗୁ କିଛି ଦିନ ହେବ ଉପସାଗୀରୀୟ ଅଞ୍ଚଳରୁ ପଲିମର୍ ଭାରତକୁ ଆସିବା ବନ୍ଦ ହୋଇଯାଇଛି । ଫଳରେ ଏହି ସାମଗ୍ରୀ ପାଇଁ ଚୀନ୍, ଥାଇଲାଣ୍ଡ ଓ ସିଙ୍ଗାପୁର ଉପରେ ଭାରତ ନିର୍ଭର କରୁଥିଲେ ମଧ୍ୟ ତାହା ଆଶାନୁରୂପ ହୋଇ ପାରୁ ନାହିଁ । ବିସ୍କୁଟ୍ ଉତ୍ପାଦନ କରୁଥିବା ପାର୍ଲେ କଂପାନି ଉପସଭାପତି ମାୟେଙ୍କ ଶାହ କହିଛନ୍ତି ଯେ ଯଦି ସ୍ଥିତିରେ ସୁଧାର ନ ଆସେ ତେବେ କଂପାନିଗୁଡ଼ିକ ପ୍ୟାକେଟଗୁଡ଼ିକର ଓଜନ କମ୍ କରିବେ କିମ୍ବା ଦର ବୃଦ୍ଧି କରିବେ । ସେହଭଳି ପରିବହନ ସୁବିଧାକୁ ଦୃଷ୍ଟିରେ ରଖି କମ୍ ଓଜନର ପ୍ୟାକେଟ୍ ବଦଳରେ ଅଧିକ ଓଜନର ବା ପରିମାଣର ପ୍ୟାକେଟ୍ ଅଧିକ ଉପଲବ୍ ହେବା ଆଶା କରାଯାଉଥିବା ସେ କହିଛନ୍ତି ।

# ଡ୍ରୋନ୍ କମ୍ପାନୀରେ ନିବେଶ କରି ମାଲାମାଲ୍ ହେଉଛନ୍ତି ଟ୍ରମ୍ପଙ୍କ ଦୁଇ ପୁଅ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ବର୍ତ୍ତମାନର ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଓ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରିବାରକୁ ନେଇ ଏକ ସମ୍ବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି । ଟ୍ରମ୍ପଙ୍କ ଦୁଇ ପୁଅ, ଏରିକ ଟ୍ରମ୍ପ ଓ ଡୋନାଲ୍ଡ ଟ୍ରମ୍ପ ଜୁନିଅର, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ହେଉଥିବା ଅତ୍ୟାଧୁନିକ ଡ୍ରୋନ୍ ପ୍ରସ୍ତୁତକାରୀ କମ୍ପାନୀରେ ଜଣେ ଜଣେ 'ପ୍ରମୁଖ ନିବେଶକ' ବୋଲି ଜଣାପଡ଼ିଛି । ଏହି ଖବର ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି, କାରଣ ଏହା ସରକାରଙ୍କ ସାମରିକ ନୀତି ଏବଂ ରାଷ୍ଟ୍ରପତିଙ୍କ ପରିବାରର ବ୍ୟକ୍ତିଗତ ବ୍ୟବସାୟିକ ସ୍ୱାର୍ଥ ମଧ୍ୟରେ ଥିବା ସୀମାରେଖାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୋମବାର ଦିନ ଅରିଅସ୍ ଗ୍ରୀନୱେ ହୋଲ୍ଡିଂସ୍ ଇନକର୍ପୋରେଟେଡ୍ ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ୍ ରିଲିଜ୍ ଅନୁଯାୟୀ, ଏରିକ ଓ ଡୋନାଲ୍ଡ ଜୁନିଅର ସ୍ୱୟଂଶାସିତ ଡ୍ରୋନ୍ ତିଆରି କରୁଥିବା କମ୍ପାନୀ 'ପାୱାରସ୍' ରେ ବଡ଼ ଧରଣର ନିବେଶ କରିଛନ୍ତି । ଏଥିସହିତ ସେମାନେ ଫ୍ଲୋରିଡାରେ ଗଲ୍ଫ କୋର୍ସ



ପରିଚାଳନା କରୁଥିବା ସଂସ୍ଥା ଅରିଅସ୍ ଗ୍ରୀନୱେ ସହ ମଧ୍ୟ ଜଡ଼ିତ ଅଛନ୍ତି । ଅରିୟସ୍ ଗ୍ରୀନୱେର ମଧ୍ୟବର୍ତ୍ତୀକାଳୀନ ସିଇଓ ମାଥ୍ୟୁ ସେକର ଏହି ବ୍ୟବସାୟିକ ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ବ୍ୟବସାୟିକ ସମ୍ପର୍କ କେବଳ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ସୁଯୋଗ ନୁହେଁ, ବରଂ ବର୍ତ୍ତମାନର ବିଶ୍ୱସ୍ତରୀୟ ଅନିଶ୍ଚିତତା ଓ ସାମରିକ ଆବଶ୍ୟକତା ଦୃଷ୍ଟିରୁ ଏହା ଅଧିକ ପ୍ରାସଙ୍ଗିକ । ଏହାର ସିଧା ସଳଖ ଅର୍ଥ ହେଉଛି, ଯେତେବେଳେ ଦୁନିଆରେ ଯୁଦ୍ଧର ସ୍ଥିତି ଉପୁଜୁଛି, ସେତେବେଳେ ଡ୍ରୋନର ଚାହିଦା ବଢୁଛି । ଆଉ ଏହି ବର୍ଦ୍ଧିତ ଚାହିଦା ଫଳରେ ଟ୍ରମ୍ପଙ୍କ ପୁଅମାନେ ବିପୁଳ ମାତ୍ରାରେ ମୁନାଫା ଅର୍ଜନ କରୁଛନ୍ତି । ଡ୍ରୋନ୍ ଟେକ୍ନୋଲୋଜିର ବ୍ୟବହାର ବୃଦ୍ଧି ପାଉଥିବା ବେଳେ, ଟ୍ରମ୍ପଙ୍କ ପରିବାରର ଏହି ନିବେଶ ସେମାନଙ୍କୁ ଆର୍ଥିକ ଭାବେ ଶକ୍ତିଶାଳୀ କରୁଛି । ମାତ୍ର ସାର୍ବଜନୀନ ପଦବୀରେ ଥାଇ ପରିବାରର ଏଭଳି ବ୍ୟବସାୟିକ କାରବାର ଆମେରିକା ରାଜନୀତିରେ ଏକ ନୂଆ ବିବାଦର ସୂତ୍ରପାତ କରିଛି । ବିଶେଷଜ୍ଞମାନେ ଏହାକୁ 'ଲାଭଜନକ ନିବେଶ' କହିବେ ନା 'ରାଜନୈତିକ ପ୍ରଭାବର ଅପବ୍ୟବହାର', ତାହା ଏବେ ବଡ଼ ପ୍ରଶ୍ନ ।

# ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲା ଆଇଆରଜିସି

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ତେଲ ଯୋଗାଣ ବାଧାପ୍ରାପ୍ତ ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିବାକୁ ଧମକ ଦେଇଥିଲେ । ଏହାର ଏବେ ଇରାନ ଦେଇଛି । ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଟ୍ରମ୍ପଙ୍କୁ କଡ଼ା ଜବାବ ଦେଇ କହିଛି , ତେଲ ଯୋଗାଣ ତ ଦୂରର କଥା, ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ତେଲ ମଧ୍ୟ ଯିବାକୁ ଦିଆଯିବ ନାହିଁ । ବିଶେଷଜ୍ଞମାନେ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ଆଇଆର୍‌ଜିସିର ଘୋଷଣାକୁ ବିଶ୍ୱ ପାଇଁ ଏକ ଚେତାବନୀ ବୋଲି ବିଚାର କରୁଛନ୍ତି । ଏହା ଯୋଗୁଁ ଆଗାମୀ ଦିନରେ ଇନ୍ଧନ ମୂଲ୍ୟ ବୃଦ୍ଧି କରିବାର ଆଶଙ୍କା ରହିଛି । ପ୍ରଣାଳୀ ଦେଇ ତେଲ ପ୍ରବାହ ବନ୍ଦ ହେଲେ ଡୋନାଲ୍ଡ ଟ୍ରମ୍ପ ଇରାନକୁ ବିନାଶର ଧମକ ଦେଇଥିଲେ । ମାତ୍ର କିଛି ଘଣ୍ଟା ପରେ, ଆଇଆର୍‌ଜିସି ପାଞ୍ଚଟି ଶବ୍ଦରେ ଉତ୍ତର ଦେଇଛି ଏକ ଲିଟର ମଧ୍ୟ ତେଲ ନୁହେଁ । ବିଶେଷଜ୍ଞ ଶାନାକା ଆନ୍ସଲେମ୍ ପେରେରା କହିଛନ୍ତି, ଏହା ବଢୁଥିବା ବିଶ୍ୱ ଶକ୍ତି ସଙ୍କଟ ପାଇଁ ଏକ ସୂଚନା । ଆଇଆର୍‌ଜିସି କହିଛି ଯେ ଯଦି ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଜାରି ରହେ, ତେବେ ସେମାନେ ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ମଧ୍ୟ ତେଲ ରପ୍ତାନି କରିବାକୁ ଦେବେ ନାହିଁ । କେବଳ ହର୍ମୁଜ୍ ପ୍ରଣାଳୀ ଦେଇ ନୁହେଁ ବରଂ ସମଗ୍ର ଅଞ୍ଚଳରେ ତୈଳ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ । ଏହାର ଅର୍ଥ ହେଉଛି ସାଉଦି ଆରବ, ୟୁଏଇ, କୁ,ତ, ବାହାରିନ, କତାର ଏବଂ ଇରାକରୁ ତେଲ ବିଶ୍ୱର କୌଣସି ଦେଶରେ ପହଞ୍ଚିପାରିବ ନାହିଁ । ଏହା ବିଶ୍ୱବ୍ୟାପୀ ତେଲ ମୂଲ୍ୟକୁ ବୃଦ୍ଧି କରିବ ।

# ଇରାନର ଆକ୍ରମଣକୁ ସମର୍ଥନ କରି ୫ ପାକିସ୍ତାନୀ ଓ ଜଣେ ବାଂଲାଦେଶୀ ଗିରଫ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ବାହାରିନର ଆଭ୍ୟନ୍ତରୀଣ ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଗୃହ ମନ୍ତ୍ରଣାଳୟ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇରାନ ପକ୍ଷରୁ ହୋଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣକୁ ସମର୍ଥନ କରିବା ଏବଂ ସୋସିଆଲ ମିଡିଆରେ ଭ୍ରାମକ ତଥ୍ୟ ପ୍ରସାରଣ କରି ଉତ୍ସବ ମନାଇବା ଭଳି ଅଭିଯୋଗରେ ୬ ଜଣ ଏସୀୟ ନାଗରିକଙ୍କୁ ଗିରଫ କରାଯାଇଛି । ସେଥିମଧ୍ୟରେ ୫ଜଣ ପାକିସ୍ତାନୀ ଓ ଜଣେ ବାଂଲାଦେଶୀ ନାଗରିକ ଥିବା ଜଣାପଡ଼ିଛି । ସମସ୍ତ ଗିରଫ ସନ୍ଦିଗ୍ଧଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପବ୍ଲିକ୍ ପ୍ରସିକ୍ୟୁସନ୍ କୁ ପଠାଯାଇଛି । ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହି ନାଗରିକମାନେ କେବଳ ଆକ୍ରମଣ ସହିତ ଜଡିତ ବିଷୟବସ୍ତୁ ରେକର୍ଡ କରିନଥିଲେ ବରଂ ଏହାକୁ ବାରମ୍ବାର ପୁନଃ ପୋଷ୍ଟ ମଧ୍ୟ କରିଥିଲେୟ ତଦନ୍ତରୁ ଜଣାପଡିଛି ଯେ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଜନମତକୁ ଭ୍ରମିତ କରିବା ଏବଂ ସମାଜରେ ଅସୁରକ୍ଷିତ ଭାବନା ସୃଷ୍ଟି କରିବା । ଦୁର୍ନୀତି ନିବାରଣ ଓ ଇଲେକ୍ଟ୍ରୋନିକ୍ ସୁରକ୍ଷା ମହାନିର୍ଦ୍ଦେଶାଳୟ ତାଙ୍କ ରିପୋର୍ଟରେ କହିଛି ଯେ ଏହି କାର୍ଯ୍ୟକଳାପଗୁଡ଼ିକ ଦେଶର ଶାନ୍ତିକୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଅଭିଯୁକ୍ତମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଭ୍ରାମକ ସୂଚନା ପ୍ରସାରଣ କରିଥିଲେ, ଯାହା ସ୍ଥାନୀୟ ନାଗରିକ ଓ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା । ବାହାରିନ୍ ସରକାର ଏହାକୁ ସାର୍ବଜନୀନ ଶୃଙ୍ଖଳା ବିରୁଦ୍ଧରେ ଏକ ଗମ୍ଭୀର ଅପରାଧ ବୋଲି ବିବେଚନା କରିଛନ୍ତି । ଏହି ଘଟଣା ପରେ, ବାହାରିନ ସରକାର ଏହାର ସମସ୍ତ ନାଗରିକ ଓ ପ୍ରବାସୀମାନଙ୍କ ପାଇଁ କଠୋର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ମନ୍ତ୍ରଣାଳୟ ଲୋକମାନଙ୍କୁ ଯେକୌଣସି ସୂଚନା ପାଇଁ କେବଳ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ଅନୁରୋଧ କରିଛି । ଯାଞ୍ଚ ବିନା କୌଣସି ଭିଡିଓ କିମ୍ବା ଖବର ପ୍ରସାରଣ କରିବା ଏକ ଆଇନଗତ ଅପରାଧ, ଏବଂ ଯେଉଁମାନେ ଏପରି କରନ୍ତି ସେମାନଙ୍କୁ କଠୋର ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିପାରେ । ସରକାର ସ୍ପଷ୍ଟ କରିଛନ୍ତି ଯେ ସୁରକ୍ଷା ଓ ସାର୍ବଜନୀନ ଶୃଙ୍ଖଳା ବିପର୍ଯ୍ୟସ୍ତ କରିବାର ଯେକୌଣସି ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ । ଶତ୍ରୁତାପୂର୍ଣ୍ଣ ବିଷୟବସ୍ତୁର ପ୍ରସାରଣକୁ ରୋକିବା ଓ ଜାତୀୟ ଏକତା ବଜାୟ ରଖୁବା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନଜର ରଖାଯାଇଛି ।

# ଇରାନ ଆକ୍ରମଣ ଭୟରେ ୟୁଏଇରୁ ପଳାୟନ କରୁଛନ୍ତି ବିଦେଶୀ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ପଶ୍ଚିମ ଏସିଆରେ ଏକ ନୂତନ ମାନବିକ ସଙ୍କଟ ସୃଷ୍ଟି କରିଛି । ଆକ୍ରମଣ ଭୟରେ, ହଜାର ହଜାର ବିଦେଶୀ ପଳାୟନ କରୁଛନ୍ତି । କିନ୍ତୁ ସେମାନଙ୍କ ପୋଷା କୁକୁର ଓ ବିଲେଇଙ୍କୁ ଛାଡ଼ି ଯାଉଛନ୍ତି । ଅନେକ ଉଦ୍ଧାରକାରୀ ସଂଗଠନ ଏହିପରି ଶହ ଶହ ପାଳିତ ପ୍ରାଣୀଙ୍କୁ ପାଇଛନ୍ତି । କିଛି ଲ୍ୟାମ୍ପପୋଷ୍ଟରେ ବନ୍ଧା ହୋଇଥିବା ବେଳେ ଅନ୍ୟମାନେ ଖାଲି ଆପାର୍ଟମେଣ୍ଟରେ ବନ୍ଦ ଥିବା ଦେଖିବାକୁ ମିଳିଛି । କେତେକ ଲୋକ ଆଶ୍ରୟସ୍ଥଳ ବାହାରେ ବହୁ ପାଳିତ ପ୍ରାଣୀଙ୍କୁ ପରିତ୍ୟକ୍ତ ଭାବେ ଛାଡ଼ି ଦେଇଛନ୍ତି । ସ୍ୱେଚ୍ଛାସେବୀମାନେ କହିଛନ୍ତି, ଆଶ୍ରୟସ୍ଥଳରେ ପାଳିତ ପ୍ରାଣୀଙ୍କୁ ରଖିବା କଷ୍ଟକର ହେଉଛି । ନିଜ ପୋଷା ପ୍ରାଣୀଙ୍କୁ ଛାଡ଼ି ଯାଇଥିବା ଧନୀ ବିଦେଶୀମାନଙ୍କୁ ସୋସିଆଲ ମିଡିଆରେ କଡ଼ା ସମାଲୋଚନା କରାଯାଉଛି । ନିଜେ ଖସି ପଳାଇଯାଇ ସେମାନେ କିଭଳି ପୋଷା ପ୍ରାଣୀଙ୍କୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଚାଲିଯାଉଛନ୍ତି ସେନେଇ ବିଶ୍ୱବ୍ୟାପି ପ୍ରଶ୍ନ ଉଠିବାରେ ଆରମ୍ଭ କରିଛି ।

# ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ଲୋକସଭାରେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ସେମାନେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଆଣିଛନ୍ତି । ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବାଚସ୍ପତିଙ୍କୁ ନେଇ ଗୌରବ ଗୋଗେଇ ଏହି ପ୍ରସଙ୍ଗର ଭୁଲ୍ ବ୍ୟାଖ୍ୟା କରୁଛନ୍ତି । ଆଲୋଚନା ସମୟରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନାରଭାଣେଙ୍କ ପୁସ୍ତକ ପ୍ରସଙ୍ଗ ଉଠାଇଥିଲେ, ଯାହାକୁ ନେଇ ସଂସଦରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ହଟ୍ଟଗୋଳ ବୃଦ୍ଧି ପାଇବା ଦେଖି ବାଚସ୍ପତିଙ୍କ ଚୌକିରେ ବସିଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ ସଂସଦକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ମଙ୍ଗଳବାର ବିରୋଧୀ ଦଳ ଲୋକସଭାରେ ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିଛନ୍ତି । କଂଗ୍ରେସ ସାଂସଦ ଗୌରବ ଗୋଗୋଇ ତାଙ୍କ ଭାଷଣ ସମୟରେ ସରକାରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ବାଚସ୍ପତି ନିରପେକ୍ଷ ହେବା ଉଚିତୟ ତାଙ୍କ ପାଇଁ ସପକ୍ଷ ଅବା ବିପକ୍ଷ କିଛି ନହେବା ଆବଶ୍ୟକ । କିନ୍ତୁ ବାଚସ୍ପତି ନିରପେକ୍ଷ ନୁହଁନ୍ତି । ଏହି ପ୍ରସ୍ତାବ କୌଣସି ବ୍ୟକ୍ତିଙ୍କ ବିରୋଧରେ ନୁହେଁ । ପ୍ରସ୍ତାବ ଆଣି ଆମେ ଖୁସି ନୁହେଁ ବରଂ ଦୁଃଖିତ । ଏହି ପ୍ରସ୍ତାବ ଆଣିବାକୁ ଆମକୁ ବାଧ୍ୟ କରାଯାଇଛି । ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ ସଂସଦରେ କହିବାକୁ ଦିଆଯାଉନାହିଁ । ତାଙ୍କ ସହିତ ପ୍ରାୟ ୨୦ ଥର ଏପରି କରାଯାଇଛି । ବିରୋଧୀ ଦଳ ନେତାଙ୍କୁ କହିବା ପାଇଁ ମାଇକ୍ରୋଫୋନ୍ ଦିଆଯାଇନାହିଁ । ଏବେ ମାଇକ୍ରୋଫୋନ୍କୁ ମଧ୍ୟ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି । ଗୌରବ କହିଛନ୍ତି ଯେ ଗୃହର ମର୍ଯ୍ୟାଦା ରକ୍ଷା କରିବା ଆମର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପୂରଣ କରିବା ପାଇଁ ଏହି ସଂକଳ୍ପ ଅଣାଯାଇଛି । କାରଣ ଦେଶ ଜାଣିବା ଉଚିତ ଯେ, ଗୃହ କିପରି କାର୍ଯ୍ୟ କରୁଛି । ଏହି ଗୃହର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା । କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରି ଗୌରବ କହିଛନ୍ତି, ଦେଶର ବର୍ତ୍ତମାନର ନେତୃତ୍ୱ ଦୁର୍ବଳ । ସରକାର ପ୍ରଶ୍ନରୁ ଦୂରେଇ ପଳାଉଛନ୍ତି ।

# ଇରାନ-ଇସ୍ରାଏଲ ଯୁଦ୍ଧ ଶେଷ ପାଇଁ ଟ୍ରମ୍ପଙ୍କ ସହ ଫୋନରେ କଥା ହେଲେ ପୁଟିନ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ଚାରି ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧରେ ଫସି ରହିଛନ୍ତି । ଏବେ ସେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଦେଖାଯାଉଛି । ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ଠୋସ୍ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି କାରଣ ଇରାନକୁ ରୁଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ । ୧୧ ଦିନ ଧରି ଜାରି ରହିଥିବା ଏହି ମହାଯୁଦ୍ଧ ମଧ୍ୟରେ, ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି । ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନା ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା । ଦୁଇ ନେତା ପଶ୍ଚିମ ଏସିଆର ଗମ୍ଭୀର ପରିସ୍ଥିତି ଏବଂ ଫେବୃଆରି ୨୮ ରେ ଆରମ୍ଭ ହୋଇଥିବା ଯୁଦ୍ଧର ଅନ୍ତ କିପରି ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସାମରିକ ଅଭିଯାନକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜନୈତିକ ଏବଂ କୂଟନୈତିକ ଉପାୟ ଖୋଜିବା ହେଉଛି ସମୟର ଆବଶ୍ୟକତା ବୋଲି ପୁଟିନ କହିଛନ୍ତି । ପୁଟିନ ସ୍ପଷ୍ଟ କରିଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଏହା କେବଳ ବିଶ୍ୱ ଅସ୍ଥିରତା ବୃଦ୍ଧି କରିବ, ତେଣୁ ଏହାର ତୁରନ୍ତ ସମାଧାନ ଜରୁରୀ । ଭବିଷ୍ୟତରେ ଆହୁରି କ୍ଷତି ଏଡାଇବା ପାଇଁ ଆଲୋଚନାର ଦ୍ୱାର ଖୋଲା ରଖିବା ଉଭୟ ଦେଶର ସ୍ୱାର୍ଥରେ ବୋଲି ଦୁଇ ନେତା ସହମତ ହୋଇଛନ୍ତି । ଇରାନ ପ୍ରସଙ୍ଗ ବ୍ୟତୀତ, ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କୁ ୟୁକ୍ରେନୀୟ ଯୁଦ୍ଧର ସ୍ଥିତି ଏବଂ ରୁଷୀୟ ସାମରିକ ବାହିନୀର ସାମ୍ପ୍ରତିକ ସଫଳତା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଛନ୍ତି । ସେ କହିଛନ୍ତି, ଫ୍ରଣ୍ଟଲାଇନ୍ସରେ ରୁଷୀୟ ସୈନ୍ୟମାନେ ସ୍ଥିର ଭାବରେ ଆଗକୁ ବଢୁଛନ୍ତି ଏବଂ ଅନେକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ସଫଳତା ହାସଲ କରୁଛନ୍ତି । ଡିସେମ୍ବର ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ଆଲୋଚନା ଏବଂ ଏହା ୟୁକ୍ରେନୀୟ ଏବଂ ଇରାନୀୟ ଉଭୟ ସମ୍ମୁଖରେ ଭବିଷ୍ୟତର ଗତିପଥ ନିର୍ଣ୍ଣୟ କରିପାରେ ବୋଲି ଚର୍ଚ୍ଚା ହେଉଛି । ୟୁକ୍ରେନରେ ସାମରିକ ଅଭିଯାନ ଚାରି ବର୍ଷ ପୂରଣ କରିବାକୁ ଯାଉଛି, ଏବଂ ପୁଟିନଙ୍କ ଶାନ୍ତି ସ୍ଥାପନକାରୀ ଭୂମିକା ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ପରିବର୍ତ୍ତନ ଭାବରେ ଦେଖାଯାଉଛି । ସେ ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛନ୍ତି, ରୁଷ ଏହି ଅଞ୍ଚଳରେ ଶାନ୍ତି ଚାହୁଁଛି କିନ୍ତୁ ନିଜର ସୁରକ୍ଷା ଏବଂ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ । ଟ୍ରମ୍ପ ପୁଟିନଙ୍କ କଥା ଧ୍ୟାନର ସହିତ ଶୁଣିବା ସହ ୟୁକ୍ରେନ ସଙ୍କଟର ସମାଧାନ ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# 'ମଧ୍ୟପ୍ରାଚ୍ୟର ସଙ୍କଟ ଦେଶବାସୀଙ୍କ ଉପରେ ନପଡୁ'

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି । ଏହି ସମୟରେ ପଶ୍ଚିମ ଏସିଆରେ ଜାରି ବିବାଦକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଛି । ସୂତ୍ର ଅନୁସାରେ, କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରୀ ଓ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି ସେମାନେ ଏକାଠି ମିଶି କାମ କରନ୍ତୁ, ଯାହାଫଳରେ ପଶ୍ଚିମ ଏସିଆରେ ଜାରି ସଂଘର୍ଷର ପ୍ରଭାବ ଦେଶର ନାଗରିକଙ୍କ ଉପରେ କମ୍ ପଡିବ । ସେ ସବୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କେଣସି ପ୍ରକାର ସମ୍ଭାବିତ ଚ୍ୟାଲେଞ୍ଜ ପାଇଁ ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀମଣ୍ଡଳ ଜଳ ଜୀବନ ମିଶନକୁ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ବଢାଇବାର ମଞ୍ଜୁରୀ ଦେଇଛନ୍ତି । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କ୍ୟାବିନେଟ୍ ବୈଠକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ସୂଚନା ଦେଇ କହିଛନ୍ତି, ସରକାର ଜଳଜୀବନ ମିଶନ୍ର ମୋଟ ବଜେଟକୁ ବଢାଇ ୮.୭ ଲକ୍ଷ କୋଟି ଟଙ୍କା କରିବାର ମଞ୍ଜୁରୀ ଦେଇଛନ୍ତି । ଏହି ଯୋଜନାର ପୂର୍ବରୁ ୨୦୧୯ ରୁ ୨୦୨୪ ର ସମୟ ସୀମା ପାଇଁ ମଞ୍ଜୁରୀ ଦିଆଯାଇଛି । ଏପର୍ଯ୍ୟନ୍ତ ଏହି ଯୋଜନା ଅନୁସାରେ, ଦେଶର ପ୍ରାୟ ୧୨.୬ କୋଟି ଗ୍ରାମବାସୀଙ୍କ ଘରକୁ ନଳ ଜରିଆରେ ପାଣିର କନେକ୍ସନ ଉପଲବ୍ଧ କରାଯାଇ ସାରିଛି । ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ



କେନ୍ଦ୍ର ସରକାର ଜଳ ଜୀବନ ମିଶନ୍ କାର୍ଯ୍ୟାନ୍ୱୟନ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହା କେବଳ ଭିତ୍ତିଭୂମି ନିର୍ମାଣ ପରିବର୍ତ୍ତେ ଉନ୍ନତ ସେବା ଯୋଗାଣ ଉପରେ ଧ୍ୟାନ ଦେଇଛି । ଏହି ପଦକ୍ଷେପ ଅଧୀନରେ, ସଂରଚନାତ୍ମକ ସୁଧାର ସୁନିଶ୍ଚିତ କରିବା ପାଇଁ ତିନି ମାସ ମଧ୍ୟରେ ରାଜ୍ୟଗୁଡ଼ିକ ସହିତ ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ମାଦୁରାଇ ବିମାନବନ୍ଦରକୁ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ଘୋଷଣା କରିବା ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ମାଦୁରାଇ ପୂର୍ବରୁ ଦୁବାଇ, ଆବୁଧାବି ଏବଂ କଲମ୍ବୋକୁ ଅନ୍ତର୍ଜାତୀୟ ବିମାନ ସେବା ପରିଚାଳନା କରୁଛି ଏବଂ ଅନେକ ଏୟାରଲାଇନ୍ସ ଅନ୍ତର୍ଜାତୀୟ ସେବା ବିସ୍ତାର କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସରକାରଙ୍କ ଅନୁଯାୟୀ, ମାଦୁରାଇ ବିମାନବନ୍ଦରରେ କଷ୍ଟମ୍ସ ନୋଟିଫିକେସନ୍, ଇମିଗ୍ରେସନ ଚେକ୍ ଫାସିଲିଟି ଏବଂ ହେଲଥ୍ ଆଣ୍ଡ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ସମେତ ଅନ୍ତର୍ଜାତୀୟ ବିମାନ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଅଛି । ଏହା ସହିତ, କେନ୍ଦ୍ର କ୍ୟାବିନେଟ୍ ଇନସଲଭେନ୍ସି ଏବଂ କମ୍ପାନୀ ଆଇନରେ ସଂଶୋଧନକୁ ମଞ୍ଜୁରୀ ଦେଇଛି । ସୂତ୍ର ଅନୁଯାୟୀ କ୍ୟାବିନେଟ୍ ଇନସଲଭେନ୍ସି ଏବଂ ଦେବାଳିଆ କୋଡ୍ ୨୦୧୬ ଏବଂ କମ୍ପାନୀ ଆଇନ ୨୦୧୩ ରେ ଅନେକ ପରିବର୍ତ୍ତନକୁ ଅନୁମୋଦନ କରିଛି । ତେବେ ଏହି ସଂଶୋଧନର ବିସ୍ତୃତ ବିବରଣୀ ସାମନାକୁ ଆସିନାହିଁ ।

# ଚୀନ ପାଇଁ ଏଫ୍‌ଡିଆଇ ନିୟମ କୋହଳ ହେଲା

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ସ୍ଥଳଭାଗରେ ଭାରତର ସୀମା ଛୁଇଁଥିବା ଦେଶଗୁଡ଼ିକ ପାଇଁ ଭାରତ ସରକାର ଏଫ୍‌ଡିଆଇ (ପ୍ରତ୍ୟକ୍ଷ ବିଦେଶୀ ନିବେଶ) ନିୟମ କୋହଳ କରିଛନ୍ତି । ଏଥିରେ ଚୀନ ସମେତ ବାଂଲାଦେଶ, ପାକିସ୍ତାନ, ଭୁଟାନ, ନେପାଳ, ମ୍ୟାଁମାର ଓ ଆଫଗାନିସ୍ତାନ ରହିଛନ୍ତି । ଏସବୁ ଦେଶ ପାଇଁ ଏଫ୍‌ଡିଆଇ ନିୟମ କୋହଳ କରିବା ଲାଗି ୨୦୨୦ ସିରିଜ୍ର ପ୍ରେସ୍ ନୋଟ୍ ୩ରେ ସଂଶୋଧନ ଅଣାଯାଇଛି ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ୨୦୨୦ ଏପ୍ରିଲରୁ ୨୦୨୫ ଡିସେମ୍ବର ମଧ୍ୟରେ ଭାରତକୁ ଆସିଥିବା ମୋଟ ଏଫ୍‌ଡିଆଇରେ ଚୀନର ଅଂଶ ୦.୩୨ ପ୍ରତିଶତ ରହିଛି । ଭାରତରେ ଏଫ୍‌ଡିଆଇ ରାଙ୍କରେ ଚୀନ ୨୩ତମ ସ୍ଥାନରେ ଅଛି । ୨୦୨୦ ଜୁନ ଗଲୱାନ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଖରାପ ହୋଇଯାଇଥିଲା । ଏହା ପରେ ଭାରତ ଚୀନ କମ୍ପାନିଗୁଡ଼ିକ ଉପରେ ଏକାଧିକ କଟକଣା ଲଗାଇଥିଲା । ଭାରତକୁ ଚୀନରୁ ଏଫ୍‌ଡିଆଇ କମ୍ ଆସୁଥିଲେ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ବହୁ ଅଧିକ ରହିଛି । ଚୀନ ଭାରତର ଦ୍ୱିତୀୟ ବୃହତ ବାଣିଜ୍ୟ ସହଯୋଗୀ ପାଲଟିଛି । ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ୧୦ ମାସରେ ଚୀନକୁ ଭାରତର ରପ୍ତାନି ୩୮.୩୭ ପ୍ରତିଶତ ବୃଦ୍ଧି ପାଇ ୧୫.୮୮ ବିଲିଅନ ଡଲାରରେ ଏବଂ ଆମଦାନୀ ୧୩.୮୨ ପ୍ରତିଶତ ବୃଦ୍ଧି ଘଟି ୧୦୮.୧୮ ବିଲିଅନ ଡଲାରରେ ପହଞ୍ଚିଛି ।

# କୋଭିଡ୍ ଟିକା ପାର୍ଶ୍ୱପ୍ରତିକ୍ରିୟାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** କୋଭିଡ୍ ଟିକାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପାଇଁ ଏକ ଦୋଷହୀନ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ପ୍ରଭାବିତ ପରିବାରକୁ ଆଶ୍ୱସ୍ତି ମିଳିବ । କୋଭିଡ୍-୧୯ ସମୟରେ ଟିକାକରଣ ଏକ ସୁରକ୍ଷା କବଚ ଥିଲା, କିନ୍ତୁ କିଛି ପରିବାର ପାଇଁ ଏହି ସୁରକ୍ଷା ଏକ ଗଭୀର କ୍ଷତ ଛାଡ଼ିଯାଇଥିଲା । ବହୁ ଦିନ ଧରି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଏହା ଫଳରେ ମୃତ୍ୟୁ ସମ୍ପର୍କରେ ଆଇନଗତ ମହଲରେ ଏକ ବିତର୍କ ଚାଲିଛି । ସୁପ୍ରିମକୋର୍ଟ ଏହି ମାମଲାରେ ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି । ଯାହା ସିଧାସଳଖ ପ୍ରିୟଜନଙ୍କୁ ହରାଇଥିବା ସାଧାରଣ ନାଗରିକଙ୍କୁ ସହାୟତା ପ୍ରଦାନ କରିବ । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଟିକାକରଣ ଦ୍ୱାରା ହୋଇଥିବା କ୍ଷତି ପାଇଁ ଏକ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଇନଗତ ଲଢ଼େଇ ସେହି ପିତାମାତାଙ୍କ ସଂଘର୍ଷର କାହାଣୀ ବଖାଣୁଛି ଯେଉଁମାନଙ୍କର ଦୁଇ ଝିଅଙ୍କର କୋଭିଡ୍ ଟିକାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟିଥିଲା । ପିଲାମାନଙ୍କୁ ହରାଇବା ପରେ ପିତାମାତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପରି ମୃତ୍ୟୁର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ଦାବି କରିଥିଲେ । ସେମାନଙ୍କ ଆବେଦନର ଏକ ଅତ୍ୟନ୍ତ ମାନବିକ ଦିଗ ଥିଲା । ସେମାନେ ଚାହୁଁଥିଲେ ଯେ ସରକାର ଏପରି ନିର୍ଦ୍ଦେଶାବଳୀ ବିକଶିତ କରନ୍ତୁ ଯାହା ଭବିଷ୍ୟତରେ ପାର୍ଶ୍ୱ ପ୍ରତିକ୍ରିୟାର ସମୟସୀମା ଚିହ୍ନଟ କରିପାରିବ ଏବଂ ପୀଡିତମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାକୁ ନିଶ୍ଚିତ କରିବ । ସୁପ୍ରିମକୋର୍ଟ ସେମାନଙ୍କ ଯନ୍ତ୍ରଣା ବୁଝି ସ୍ୱୀକାର କରିଛନ୍ତି, ଯେଉଁ ପରିବାରଗୁଡ଼ିକ ଟିକା ଯୋଗୁଁ ସଦସ୍ୟମାନଙ୍କୁ ହରାଇଛନ୍ତି ସେମାନଙ୍କୁ ଏକା ଛାଡି ଦିଆଯାଇପାରିବ ନାହିଁ । ଆଦେଶରେ, ସୁପ୍ରିମକୋର୍ଟ ନୋ-ଫଲ୍ଟ ଆଧାର ବା କାହାର ଦୋଷ ତାହା ନ ପଚାରି କ୍ଷତିପୂରଣ ଦିଆଯିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ନୀତିକୁ ପ୍ରବର୍ତ୍ତନ କରିଛନ୍ତି । ଏହାର ସରଳ ଅର୍ଥ ହେଉଛି କ୍ଷତିପୂରଣ ପ୍ରଦାନ କରିବା ସମୟରେ, କିଏ ଦୋଷୀ ଥିଲା ସେ ବିଷୟରେ କୌଣସି ବିତର୍କ ହେବ ନାହିଁ, ଟିକା ନିର୍ମାତା କି ସରକାର । ପ୍ରଭାବିତ ପରିବାରକୁ କେବଳ ଟିକା ଯୋଗୁଁ କ୍ଷତି ସହିଥିବାରୁ ସେମାନଙ୍କୁ ସହାୟତା ଦିଆଯିବ । କୋର୍ଟ ଏକ ସନ୍ତୁଳନ ବଜାୟ ରଖି ସ୍ପଷ୍ଟ କରିଛନ୍ତି, ଏହି କ୍ଷତିପୂରଣକୁ ସରକାରଙ୍କ ପକ୍ଷରୁ କୌଣସି ବିଫଳତା କିମ୍ବା ଦୋଷ ସ୍ୱୀକାର ଭାବରେ ଦେଖାଯିବା ଉଚିତ ନୁହେଁ । କ୍ଷତିପୂରଣ ସମ୍ପର୍କରେ କୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ, କିଛି ଦାବି ଉପରେ ସରକାରଙ୍କ ବିଦ୍ୟମାନ ଗଠନ ଉପରେ ମଧ୍ୟ ଆସ୍ଥା ପ୍ରକାଶ କରିଛନ୍ତି । ଆବେଦନକାରୀମାନେ ମୃତ୍ୟୁର ତଦନ୍ତ ପାଇଁ ଏକ ନୂତନ ବିଶେଷଜ୍ଞ କମିଟି ଗଠନ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ କୋର୍ଟ ମନା କରିଦେଇଛନ୍ତି । କୋର୍ଟ କହିଛନ୍ତି କେନ୍ଦ୍ର ସରକାରଙ୍କ ପାଖରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଉପରେ ନଜର ରଖିବା ପାଇଁ ପୂର୍ବରୁ ଏକ ବ୍ୟବସ୍ଥା ଅଛି ଏବଂ ବର୍ତ୍ତମାନ ଏକ ନୂତନ କମିଟିର ଆବଶ୍ୟକତା ନାହିଁ । କୋର୍ଟ ସର୍ତ୍ତ ରଖିଛନ୍ତି, ଏହି ମନିଟରିଂ ସିଷ୍ଟମରୁ ପ୍ରାପ୍ତ ତଥ୍ୟକୁ ସମୟ ସମୟରେ ସାର୍ବଜନୀନ କରାଯିବା ଉଚିତ ଯାହା ଦ୍ୱାରା ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ବଜାୟ ରହିବ ।

## ଖେମିନିଙ୍କ ମୃତ୍ୟୁ ପରେ ଜଳୁଛି ମଧ୍ୟପ୍ରାଚ୍ୟ

# ବିଶ୍ୱ ତେଲ ବଜାରରେ ସଙ୍କଟ

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ଇରାନ ଓ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଏବେ ଏକ ବିନାଶକାରୀ ମୋଡ଼ ନେଇଛି । ବିଶେଷ କରି ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ଆହୁରି ତୀବ୍ର ହୋଇଛି, ଯାହା ଆଜି ୧୧ତମ ଦିନରେ ପହଞ୍ଚିଛି । ଇରାନ ବର୍ତ୍ତମାନ କେବଳ ଇସ୍ରାଏଲ୍ ନୁହେଁ, ବରଂ ମଧ୍ୟପ୍ରାଚ୍ୟର ପ୍ରାୟ ୧୧ଟି ଦେଶ ଇସ୍ରାଏଲ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ, କାତାର, କୁଏତ, ଇରାକ, ଓମାନ, ଆଜରବାଇଜାନ, ସାଇପ୍ରସ ଓ ତୁର୍କୀ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ କ୍ରମାଗତ ଆକ୍ରମଣ କରୁଛି । ଶତ୍ରୁପକ୍ଷର ସାମରିକ ଘାଟି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରୁଛି । ଯଦିଓ ଇସ୍ରାଏଲ୍ ମୁଖ୍ୟ ଟାର୍ଗେଟ୍ରେ ଅଛି, ତଥାପି ଆଖପାଖର ଅନେକ ଦେଶ ଯେଉଁଠାରେ ଆମେରିକାର ସାମରିକ ବେସ୍ ରହିଛି କିମ୍ବା ଯେଉଁମାନେ ଇରାନର ବିରୋଧୀ, ସେମାନେ ମଧ୍ୟ ଏହି ଆକ୍ରମଣର ଶିକାର ହେଉଛନ୍ତି । ଇରାନର ଏହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ଅଞ୍ଚଳରେ ଏକ ଅସ୍ଥିରତା ସୃଷ୍ଟି କରିଛି । ମଧ୍ୟପ୍ରାଚ୍ୟରେ ଇରାନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛି । ଏପର୍ଯ୍ୟନ୍ତ ୟୁଏଇ ବିରୁଦ୍ଧରେ ୧୪୦୦ ରୁ ଅଧିକ ବାଲିଷ୍ଟିକ୍ ମିସାଇଲ୍ ଓ ଡ୍ରୋନ୍ ନିକ୍ଷେପ କରିଥିବା ଦାବି କରିଛି । ରବିବାର, ଇରାନ ୧୬ଟି ବାଲିଷ୍ଟିକ୍ ମିସାଇଲ୍ ଓ ୨୦୦ଟି ଡ୍ରୋନ୍ ସହିତ ୟୁଏଇ ଉପରେ ଆକ୍ରମଣ କରିଥିଲା । ସେହିପରି ଇରାନ ମଧ୍ୟ ଲଗାତାର ବାହାରିନ ଉପରେ ଆକ୍ରମଣ କରୁଛି । ବାହାରିନରେ ଏକ ଡ୍ରୋନ ଆକ୍ରମଣରେ ୩୨ ଜଣ ଆହତ ହୋଇଛନ୍ତି । ଗୋଟିଏ ଆକ୍ରମଣରେ ଦେଶର ସର୍ବବୃହତ ତୈଳ ବିଶୋଧନାଗାରରେ ମଧ୍ୟ ନିଆଁ ଲାଗିଥିଲା । ବର୍ଦ୍ଧିତ ଇରାନୀ ଆକ୍ରମଣର ଜବାବରେ ବାହାରିନ ନିଜକୁ ରକ୍ଷା କରିବା ଆରମ୍ଭ କରିଛି । ତଥାପି, ଇରାନୀ ଆକ୍ରମଣକୁ ରୋକିବାରେ ବାହାରିନ ବର୍ତ୍ତମାନ ଅକ୍ଷମ ପ୍ରମାଣିତ ହେଉଛି । ଅନ୍ୟପଟେ, ଆମେରିକା ଓ ଇସ୍ରାଏଲ୍ ମଧ୍ୟ ଚୁପ୍ ବସିନାହାନ୍ତି । ସେମାନେ ଇରାନର ପ୍ରତିଟି ଆକ୍ରମଣର କଡ଼ା ଜବାବ ଦେଉଛନ୍ତି ।









# ଏନଏସଇ ପକ୍ଷରୁ ନିଫ୍ଟି ୫୦ର ୩୦ ବର୍ଷ ପୂର୍ତ୍ତି ପାଳନ

**ଭୁବନେଶ୍ୱର, ୧୦।୩ (ନି.ପ୍ର) :** ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ପକ୍ଷରୁ ନିକଟରେ ଭାରତର ଫ୍ଲାଗସିପ ଇକ୍ୱିଟି ବେଂଚମାର୍କ ଏବଂ ବିଶ୍ୱର ଅତ୍ୟଧିକ ସର୍ବାଧିକ ଟ୍ରାକ ହୋଇଥିବା ସୂଚକାଙ୍କ ନିଫ୍ଟି ୫୦ ଇଣ୍ଡେକ୍ସର ୩୦ ବର୍ଷ ପୂର୍ତ୍ତି ଅବସରକୁ ପାଳନ କରାଯାଇଛି। ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ମୁମ୍ବାଇସ୍ଥିତ ଏନଏସଇର ଏକ୍ସଚେଞ୍ଜ ପ୍ଲାଜାରେ ଆୟୋଜିତ ହୋଇଥିଲା ଯାହା ମାର୍କେଟ ଲିଡର, ନିଫ୍ଟି ୫୦ କମ୍ପାନୀଗୁଡିକର ପ୍ରତିନିଧି, ନିୟାମକ ଓ ଭାରତର ପୁଁ ବଜାର ଇକୋସିଷ୍ଟମର ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିଲା। ସାଧାରଣ ଭାଷାରେ 'ସ୍କୋରବୋର୍ଡ ଅଫ୍ ଇଣ୍ଡିଆନ ଷ୍ଟକ୍ ମାର୍କେଟ' କୁହାଯାଉଥିବା ନିଫ୍ଟି ୫୦, ଏନଏସଇରେ ତାଲିକାଭୁକ୍ତ ୫୦ଟି ସର୍ବବୃହତ ଓ ସର୍ବାଧିକ ସକ୍ରିୟ ଟ୍ରେଡେଡ କମ୍ପାନୀର ପ୍ରଦର୍ଶନକୁ ଟ୍ରାକ କରିଥାଏ। ଏହି କାର୍ଯ୍ୟକ୍ରମରେ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ର ଅଧ୍ୟକ୍ଷ ଶ୍ରୀ ତୁହିନ କାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଏବଂ ଲେଖକ, ରଣନୈତିକ ଚିନ୍ତନକାରୀ ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ୱାଧୀନ ନିର୍ଦ୍ଦେଶକ ଶ୍ରୀ ଏସ. ଗୁରୁମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସହ ଏନଏସଇ ଅଧ୍ୟକ୍ଷ




ଶ୍ରୀ ଶ୍ରୀନିବାସ ଇଞ୍ଜେଟି ଓ ଏନଏସଇର ଏମଡି ଓ ସିଇଓ ଶ୍ରୀ ଆଶିଷ କୁମାର ଚୌହାନ ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ସେବି ଅଧ୍ୟକ୍ଷ ଶ୍ରୀ ତୁହିନ କାନ୍ତ ପାଣ୍ଡେ କହିଛନ୍ତି, 'ଆମେ ନିଫ୍ଟି ୫୦ର ୩ ଦଶନ୍ଧି ପାଳନ କରି କେବଳ ଏକ ସୂଚକାଙ୍କର ଇତିହାସକୁ ଚିହ୍ନିତ କରୁନାହୁଁ ବରଂ ଆମେ ଭାରତୀୟ ପୁଁ ବଜାର ଓ ସେଗୁଡିକୁ ସମର୍ଥନ କରୁଥିବା ଅନୁଷ୍ଠାନଗୁଡିକର ଏକ ବିସ୍ତୃତ ଯାତ୍ରାକୁ ସ୍ୱୀକୃତି ଦେଉଛୁ। ଏହି ଯାତ୍ରା ଏକ୍ସଚେ, ନିୟାମକ, ମଧ୍ୟସ୍ଥି, ବଜାର ପ୍ରତିଷ୍ଠାନ ଓ ଲକ୍ଷ ଲକ୍ଷ ନିବେଶକଙ୍କ ଭଳି ଅନେକ ହିତାଧିକାରୀଙ୍କ ସାମୂହିକ ପ୍ରୟାସ ଯୋଗୁଁ ସମ୍ଭବ ହୋଇପାରିଛି।' ସେହିପରି ଆରବିଆଇର ସ୍ୱାଧୀନ ନିର୍ଦ୍ଦେଶକ ଶ୍ରୀ ଏସ ଗୁରୁମୂର୍ତ୍ତି କହିଛନ୍ତି, 'ସେବି, ଆରବିଆଇ ଓ ଅନ୍ୟ ନିୟାମକୀୟ ସଂସ୍ଥା ଭଳି ଅନୁଷ୍ଠାନଗୁଡିକ ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିଛନ୍ତି। ଯାହାଫଳରେ ଭାରତ ଆଜି ଏକ ସ୍ୱଚ୍ଛନ୍ଦ ବଜାର ଭାବେ ଉଭା ହୋଇଛି ଯେଉଁଠାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନିବେଶକଙ୍କ ସୁରକ୍ଷା ଆର୍ଥିକ ବ୍ୟବସ୍ଥାର କାର୍ଯ୍ୟକାରିତାର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି,ଯାହା ଉଭୟ ଘରୋଇ ଓ ଆନ୍ତର୍ଜାତୀୟ ନିବେଶକଙ୍କ ସ୍ଥାୟୀ ଅଂଶଗ୍ରହଣକୁ ସକ୍ଷମ କରିଛି।'

ଏହି କାର୍ଯ୍ୟକ୍ରମରେ ଏନଏସଇର ଅଧ୍ୟକ୍ଷ ଶ୍ରୀ ଶ୍ରୀନିବାସ ଇଞ୍ଜେଟି କହିଛନ୍ତି, 'ଗତ ତିନି ଦଶନ୍ଧି ମଧ୍ୟରେ ନିଫ୍ଟି ୫୦ ଏକ ମାର୍କେଟ ବେଂଚମାର୍କରୁ ଭାରତର ଅର୍ଥନୈତିକ ବେଗର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ ହୋଇଛି। ୧୯୯୦ ମଧ୍ୟଭାଗରେ ଏକ ବୈଜ୍ଞାନିକ ସୂଚକାଙ୍କ ଭାବେ ଆରମ୍ଭ ହୋଇଥିବା ନିଫ୍ଟି ୫୦ ଆଜି ଉଦ୍ୟୋଗ, ସ୍ଥିରତା ଓ ନିବେଶକ ଆତ୍ମବିଶ୍ୱାସର ଏକ ବିଶ୍ୱସ୍ତ ବାରୋମିଟରରେ ପରିଣତ ହୋଇଛି।' ଏନଏସଇ ଏମଡି ଓ ସିଇଓ ଶ୍ରୀ ଆଶିଷ କୁମାର ଚୌହାନ କହିଛନ୍ତି, 'ଗତ ୩୦ ବର୍ଷରେ ନିଫ୍ଟି ୫୦ ଏକ ମାର୍କେଟ ବେଂଚମାର୍କ ବହୁ ଆଗକୁ ବଢ଼ିଛି। ଏହା ଭାରତର କର୍ପୋରେଟ ସେକ୍ଟରର ଗତିଶୀଳତା ଓ ଦେଶର ପୁଁ ବଜାରଗୁଡିକର ଅଭିବୃଦ୍ଧିକୁ ପ୍ରତିଫଳନ କରୁଛି।

# Samsung India ଏହାର ସବୁଠାରୁ ଉନ୍ନତ AI ଫୋନ୍, Galaxy S26 ସିରିଜ୍ ଲଞ୍ଚ କରିଛି

**ଗୁରୁଗ୍ରାମ, ୧୦।୩ (ନି.ପ୍ର):** ଭାରତ - ଭାରତର ସର୍ବବୃହତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ Samsung ଘୋଷଣା କରିଛି ଯେ ଏହାର ଉଚ୍ଚ-ପ୍ରତୀକ୍ଷିତ ଏବକ୍ଷବଘଁଛ ୫୨୬ ସିରିଜ୍ ଆଜିଠାରୁ ଭାରତରେ ପ୍ରି-ଅର୍ଡର ପାଇଁ ଉପଲବ୍ଧ। Galaxy S26 Ultra, Galaxy S26+ ଏବଂ Galaxy S26 ଏପର୍ଯ୍ୟନ୍ତ ଇଞ୍ଜିନିୟର୍ ହୋଇଥିବା ସବୁଠାରୁ ସହଜ ଏବଂ ପ୍ରାକୃତିକ ଏଜେଣ୍ଟିକ୍ ଇଓ ମୋବାଇଲ୍ ଅଭିଜ୍ଞତା ପ୍ରଦାନ କରେ। ଯୋଜନା ପରିଚାଳନା କରିବା ଏବଂ ସୂଚନା ଖୋଜିବା ଠାରୁ ବିଷୟବସ୍ତୁ କ୍ୟାପଚର୍ ଏବଂ ପରିଷ୍କାର କରିବା ପର୍ଯ୍ୟନ୍ତ, Galaxy S26 ସିରିଜ୍ କାମ କରିବା ପାଇଁ ଆବଶ୍ୟକ ପ୍ରୟାସକୁ ହ୍ରାସ କରେ, ଯାହା ବ୍ୟବହାରକାରୀ ମାନଙ୍କୁ ପ୍ରଯୁକ୍ତିବିଦ୍ୟା କିପରି କାମ କରେ ତାହା ଅପେକ୍ଷା ଫଳାଫଳ ଉପରେ ଧ୍ୟାନ ଦେବାକୁ ଅନୁମତି ଦିଏ। Galaxy S26 iòeòRþ Samsung ର ସବୁଠାରୁ ଉନ୍ନତ କ୍ଷମତା ସହିତ ଡିଜାଇନ୍ କରାଯାଇଛି ଯାହା ଏକ ଭାବରେ କାମ କରେ: କାର୍ଯ୍ୟଦକ୍ଷତା, ଏକ ସହଜ କ୍ୟାମେରା ସିଷ୍ଟମ୍ ଏବଂ ଏବକ୍ଷବଘଁଛ AI। ଏହା ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରେ ଯାହା ଏବକ୍ଷବଘଁଛ ୫୨୬ ବ୍ୟବହାରକାରୀଙ୍କୁ ସୁରକ୍ଷା କିମ୍ବା



ଗୋପନୀୟତା ସହିତ ଆପତ୍ତି ନକରି ଦିନସାରା ସେମାନଙ୍କ ଫୋନ୍ ଉପରେ ନିର୍ଭର କରିବାର ଆତ୍ମବିଶ୍ୱାସ ଦିଏ।

ଡିସପ୍ଲେ ପ୍ରଯୁକ୍ତିବିଦ୍ୟାରେ ସାମ୍ସଙ୍ଗର ଦଶନ୍ଧିର ନବସୃଜନ ଉପରେ ଆଧାରିତ, ଗାଲାକ୍ସି S26 ଅଲ୍ଟ୍ରା ମୋବାଇଲ୍ ଫୋନ୍ ପାଇଁ ଶିଳ୍ପର ପ୍ରଥମ ବିଲ୍ଟ-ଇନ୍ ପ୍ରାଇଭେସି ଡିସପ୍ଲେ ପ୍ରଚଳନ କରିଛି, ଯାହା ପିକ୍ସେଲ ସ୍ତରରେ ଗୋପନୀୟତା ପ୍ରତି ସାମ୍ସଙ୍ଗର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ। ଗାଲାକ୍ସି S26 ଅଲ୍ଟ୍ରା ଏକ କଷ୍ଟମାଇଜ୍ଡ ଚିପସେଟ୍ ଏବଂ ଅପଗ୍ରେଡ୍ ହୋଇଥିବା ଥର୍ମାଲ୍ ପରିଚାଳନା ମଧ୍ୟ ପ୍ରଦାନ କରେ ଯାହା ଦ୍ରୁତ ଏବଂ ଅଧିକ ଶକ୍ତିଶାଳୀ AIକୁ ସକ୍ଷମ କରିଥାଏ - ସମସ୍ତ ୭.୯mm ରେ ପ୍ୟାକ୍ ହୋଇଛି, ଏପର୍ଯ୍ୟନ୍ତ ସବୁଠାରୁ ପତଳା ଅଲ୍ଟ୍ରା।

# ଧାମରା ପୋର୍ଟରେ ପ୍ରଥମ ଥର ପାଇଁ କେପ୍ ସାଇଜ୍ ଲାଇମଷ୍ଟୋନ ଜାହାଜ ପରିଚାଳନା

**ଧାମରା, ୧୦।୩ (ନି.ପ୍ର):** ଧାମରା ବନ୍ଦର ଏହାର ନୂତନ ନିର୍ମିତ ବର୍ଥରେ ୯ ମାର୍ଚ୍ଚ ୨୦୨୬ ରେ ଏହାର ପ୍ରଥମ କେପ୍ ଅ।କାର ଚୂନା ପଥର ଜାହାଜ, MV Vega Dreamକୁ ସଫଳତାର ସହ ବର୍ଥିଂ ଏବଂ ପରିଚାଳନା କରି ଏହାର କାର୍ଯ୍ୟକ୍ଷମ ଯାତ୍ରାରେ ଅ।ଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଟାଟା ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ଅ।ସିଥିବା ଏହି ଜାହାଜ ୧୫୮,୬୦୩ ମେଟ୍ରିକ୍ ଟନ୍ ଚୂନା ପଥରର ଯଥେଷ୍ଟ କାର୍ଗୋ ବୋଝ ବହନ କରି ୧୭.୧୪ ମିଟର ଡ୍ରାଫ୍ଟରେ ସୁରକ୍ଷିତ ଭାବରେ ବର୍ଥ କରିଥିଲା। ଏହା ପ୍ରଥମ ଥର ପାଇଁ ବନ୍ଦରରେ ଚୂନା ପଥର ବହନ କରୁଥିବା ଏକ କେପ୍ ଅ।କାର ଜାହାଜ ପରିଚାଳନା କରାଯାଇଛି, ଯାହା ଧାମରା ବନ୍ଦରର ବଡ଼ ଜାହାଜ ଏବଂ ଅଧିକ କାର୍ଗୋ ପରିମାଣ ପରିଚାଳନା କରିବାର ବର୍ଦ୍ଧିତ କ୍ଷମତାକୁ ଉଜ୍ଜ୍ୱଳ କରିଥାଏ।

ନୂତନ ଭାବରେ ବିକଶିତ ବର୍ଥରେ ଗଠ Vega Dreame ସଫଳ ବର୍ଥିଂ ଏବଂ ପରିଚାଳନା ବନ୍ଦରର ଉନ୍ନତ ଭିତ୍ତିଭୂମି ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପ୍ରଦର୍ଶନ କରେ। ବଡ଼ କେପ୍ ଅ।କାର ଜାହାଜଗୁଡ଼ିକୁ ସ୍ଥଗିତ କରିବା ପାଇଁ ବର୍ଥ ଡିଜାଇନ୍ କରାଯାଇଛି, ବନ୍ଦରର କାର୍ଗୋ-ହ୍ୟାଣ୍ଡେଲିଂ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି ଏବଂ ଭାରତର ପୂର୍ବ ଉପକୂଳରେ ବଲ୍କ କାର୍ଗୋ ପରିଚାଳନା ପାଇଁ ଏକ ପ୍ରମୁଖ ସାମୁଦ୍ରିକ ପ୍ରବେଶ ପଥ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି।

# ଭିଏଲସିସିକୁ ମିଳିଲା ଇଣ୍ଡିଆନ ମେଡିକାଲ ଆସୋସିଏସନର ସ୍ୱୀକୃତି

**ଭୁବନେଶ୍ୱର, ୧୦।୩ (ନି.ପ୍ର) :** ଭିଏଲସିସି ନିଜର ଓଜନ ପରିଚାଳନା, ପତଳା ହେବା ଓ ମେଟାବୋଲିକ ୱେଲନେସ୍ ସେବାଗୁଡିକ ପାଇଁ ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍)ଠାରୁ ସ୍ୱୀକୃତି ଗ୍ରହଣ କରିଥିବା ଭାରତର ପ୍ରଥମ ସଂଗଠିତ ୱେଲନେସ୍ ବ୍ରାଣ୍ଡରେ ପରିଣତ ହୋଇଛି। ଯାହା ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ୱେଲନେସ୍ ସେକ୍ଟର ମଧ୍ୟରେ ଚିକିତ୍ସା ପରିଚାଳନା ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ୩୫ ବର୍ଷରୁ ଅଧିକ ସମୟ ଧରି, ଭିଏଲ୍‌ସିସି ନିଜର ମଡେଲକୁ ଡାକ୍ତରୀ ତଦାରଖରେ ହେଉଥିବା ଓଜନ ପରିଚାଳନା ଏବଂ ପ୍ରମାଣ-ଭିତିକ ପଦକ୍ଷେପ ଉପରେ ଗଠନ କରିଛି। ଆଇଏମଏର ସୁପାରିଶ ଏକ ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଚିକିତ୍ସା ଢାଂଚା ମଧ୍ୟରେ ସେହି ଐତିହ୍ୟକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିଛି। ଏସମ୍ପର୍କରେ ଭିଏଲସିସି ଗ୍ରୁପର ଏମ୍‌ଡି ଓ ସିଇଓ ବିକାଶ ଗୁପ୍ତା କହିଛନ୍ତି, 'ଆରମ୍ଭରୁ ଭିଏଲସିସି ଓଜନ ପରିଚାଳନାକୁ ଏକ କସ୍‌ମେଟିକ ଟ୍ରେଣ୍ଡ ଭାବେ ନୁହେଁ ବରଂ ଏକ ମେଡିକାଲ ଓ ମେଟାବୋଲିକ ସାଇନ୍ସ ଭାବେ ଗ୍ରହଣ କରିଆସିଛି। ଏହି ସୁପାରିଶ ଆମର ଡାକ୍ତରୀ ନିୟମ ଏବଂ ସୁରକ୍ଷା, ବୈଜ୍ଞାନିକ ଜଟିଳତା ଓ ମାପନୀୟ ଫଳାଫଳଗୁଡିକ ପ୍ରତି ଆମର




ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାର ଦୃଢତାକୁ ନିଶ୍ଚିତ କରିଛି । ସେହିଭଳି ଏସମ୍ପର୍କରେ ଆଇଏମଏର ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି, ୱେଲନେସ୍ ବା ସୁସ୍ଥତା ସେବା କ୍ଷେତ୍ରରେ ଢାଂଚାଗତ ଡାକ୍ତରୀ ପରିଚାଳନା ଉପଭୋକ୍ତାଙ୍କ ଆତ୍ମବିଶ୍ୱାସକୁ ମଜବୁତ କରିଥାଏ ଏବଂ ଉନ୍ନତ ଚିକିତ୍ସା ସିଦ୍ଧାନ୍ତଗୁଡିକ ସହ ସମନ୍ୱୟ ସୁନିଶ୍ଚିତ କରିଛି କାରଣ ଓଜନ ପରିଚାଳନା ବହୁମାତ୍ରାରେ ମେଟାବୋଲିକ ଓ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ସହ ବହୁମାତ୍ରାରେ ଏକୀକୃତ ହେଉଛି । ଆଇଏମଏର ଜାତୀୟ ଅଧ୍ୟକ୍ଷ ଡଃ ଅନୀଲ କୁମାର ଜେ ନାୟକ ଉଲ୍ଲେଖ କରିଛନ୍ତି ଯେ, ଓଜନ ହ୍ରାସ ପଦକ୍ଷେପଗୁଡିକ ବହୁମାତ୍ରାରେ ମେଡିକାଲ ଓ ମେଟାବୋଲିକ ସ୍ୱାସ୍ଥ୍ୟ ସହ ମିଶ୍ରଣ ହେଉଥିବାରୁ ସୁରକ୍ଷା-ଆଧାରିତ ଢାଂଚାଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଭଳି ପଦକ୍ଷେପ ୱେଲନେସ୍ ସମାଧାନଗୁଡିକ ଯେପରି ଉନ୍ନତ ଚିକିତ୍ସା ସିଦ୍ଧାନ୍ତ ସହ ସମନ୍ୱିତ ରହିବ ତାହା ନିଶ୍ଚିତ କରୁଛି ।' ୧୧୪ରୁ ଅଧିକ ସହରରେ ୨୧୯ରୁ ଅଧିକ କ୍ଲିନିକ ସହିତ ଭିଏଲସିସି ଗତ ତିନି ଦଶନ୍ଧିରୁ ଅଧିକ ସମୟରେ ୧୦ ମିଲିୟନରୁ ଅଧିକ ଉପଭୋକ୍ତାଙ୍କୁ ମାର୍ଗଦର୍ଶିତ ୱେଲନେସ୍ ସେବା ପ୍ରଦାନ କରିଛି ।

# କଟକରେ ଖୋଲିଲା ମୁଥୁଟ ଏକ୍ସିମର ୯୨ତମ ମୁଥୁଟ ଗୋଲ୍ଡ ପଏଂଟ ଶାଖା

**କଟକ, ୧୦।୩ (ନି.ପ୍ର) :** ମୁଥୁଟ୍ ପାପ୍ପାଚନ ଗ୍ରୁପ୍ (ମୁଥୁଟ୍ ବ୍ଲୁ) ର ବହୁମୂଲ୍ୟ ଧାତୁ ବିଭାଗ ମୁଥୁଟ୍ ଏକ୍ସିମ୍ (ପି) ଲିମିଟେଡ୍, କଟକରେ ଏହାର ନୂତନ ଗୋଲ୍ଡ ପଏଂଟ କେନ୍ଦ୍ରର ଭବ୍ୟ ଉଦ୍‌ଘାଟନ କରିଛି। ଏହା ଭାରତରେ ଏହାର ୯୨ତମ ଶାଖା ଏବଂ ଓଡ଼ିଶାରେ ୨ୟ ଶାଖା ଅଟେ। ଏହି ନୂତନ ଶାଖା ମଙ୍ଗଳାବାଗ, ନୂଆପାଟଣା ରୋଡ୍‌ସ୍ଥିତ ୟୁନିଅନ ବ୍ୟାଙ୍କ ଏଟିଏମ ନିକଟରେ, ମୁଥୁଟ୍ ଗୋଲ୍ଡ ପଏଂଟ, ଗ୍ରାଉଣ୍ଡ ଫ୍ଲୋରରେ ଅବସ୍ଥିତ ରହିଛି । ନୂତନ ଗୋଲ୍ଡ ପଏଂଟ କେନ୍ଦ୍ରର ଲକ୍ଷ୍ୟ ହେଉଛି କଟକ ଏବଂ ଏହାର ଆଖପାଖ ଅଂଚଳର ଗ୍ରାହକମାନଙ୍କ ପାଇଁ ସ୍ୱଚ୍ଛ, ବୈଜ୍ଞାନିକ ଏବଂ ଦାୟିତ୍ୱବାନ ସୁନା ରିସାଇକ୍ଲିଂକୁ ଅଧିକ ସହଜ କରିବା। କଟକ ଗୋଲ୍ଡ ପଏଂଟ କେନ୍ଦ୍ର ଗ୍ରାହକମାନଙ୍କୁ ସେମାନଙ୍କର ପୁରୁଣା ଏବଂ ବ୍ୟବହୃତ ସୁନାକୁ ଏକ ନିରାପଦ ଏବଂ ଭରସାଯୋଗ୍ୟ ଢଙ୍ଗରେ ବିକ୍ରି କରିବାକୁ ଅନୁମତି ଦେବ। ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସୁନା



ପାଇଁ ତୁରନ୍ତ ନଗଦ ଅର୍ଥ ପ୍ରଦାନ କରାଯାଉଥିବାବେଳେ, ଅଧିକ ପରିମାଣର ଅର୍ଥ ଆଇଏମପିଏସ, ଏନଇଏଫଟି କିମ୍ବା ଆରଟିଜିଏସ ମାଧ୍ୟମରେ ପ୍ରଦାନ କରାଯାଇଥାଏ, ଯାହା ଏକ ସୁଗମ, ସୁରକ୍ଷିତ ଏବଂ ଅସୁବିଧାମୁକ୍ତ କାରବାର ଅଭିଜ୍ଞତା ସୁନିଶ୍ଚିତ କରେ। ଏହି ସମ୍ପ୍ରସାରଣ ପ୍ରସଙ୍ଗରେ ମନ୍ତବ୍ୟ ଦେଇ ମୁଥୁଟ୍ ପାପ୍ପାଚନ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଥୁଟ୍ ଏକ୍ସିମ୍‌ର ପରିଚାଳନା ନିର୍ଦ୍ଦେଶକ ଥୋମାସ୍ ମୁଥୁଟ୍ କହିଛନ୍ତି ଯେ,'ଆମେ ଓଡ଼ିଶାର କଟକରେ ୯୨ ତମ ମୁଥୁଟ୍ ଗୋଲ୍ଡ ପଏଂଟ ସେଂଟର ଉନ୍ମୋଚନ କରି ଆନନ୍ଦିତ। ମୁଥୁଟ୍ ଏକ୍ସିମରେ, ଆମେ ଗ୍ରାହକମାନଙ୍କୁ ସେମାନଙ୍କ ସୁନାର ପ୍ରକୃତ ମୂଲ୍ୟ ବୁଝିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେବା ଜାରି ରଖିଛୁ, ଯାହା ଏକ ଦାୟିତ୍ୱପୂର୍ଣ୍ଣ ଏବଂ ପରିବେଶ ଅନୁକୂଳ ପୁନଃଚକ୍ରଣ ପ୍ରକ୍ରିୟାକୁ ସମର୍ଥନ କରିବା ସହିତ ଉଦ୍ଦିଷ୍ଟ।' ସେହିଭଳି ମୁଥୁଟ୍ ଏକ୍ସିମ୍‌ର ସିଇଓ କେୟୁର ଶାହା କହିଛନ୍ତି ଯେ, 'ଆମର କଟକ ଗୋଲ୍ଡ ପଏଂଟ ସେଂଟରର ଉଦ୍‌ଘାଟନ ଓଡ଼ିଶା ସାରା ସଂଗଠିତ ସୁନା ପୁନଃଚକ୍ରଣକୁ ବିସ୍ତାର କରିବା ଦିଗରେ ଆମ ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ। ଏହି ସୁବିଧା ମାଧ୍ୟମରେ, ଆମେ ନିଷ୍କ୍ରିୟ ସୁନାକୁ ଆର୍ଥିକ ମୂଲ୍ୟରେ ପରିଣତ କରିବା ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ବୈଜ୍ଞାନିକ ପ୍ଲାଟଫର୍ମ ଯୋଗାଇବାକୁ ଲକ୍ଷ୍ୟ । ମୁଥୁଟ୍ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍ (ଏମଇପିଏଲ୍) ମୂଲ୍ୟବାନ ଧାତୁ ବଜାରରେ ନୂତନତା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତରେ ଏକ ସୁନା ପୁନଃଚକ୍ରଣ କେନ୍ଦ୍ର ଆରମ୍ଭ କରିବାରେ ପ୍ରଥମ ସଂଗଠିତ ସଂସ୍ଥା ଭାବରେ, ଏମଇପିଏଲ୍‌ଶିଳ୍ପରେ ନିରନ୍ତର ମାନଦଣ୍ଡ ସ୍ଥାପନ କରିଛି ।

# ଆମାଜନ ପେ ପକ୍ଷରୁ ଗାଡ଼ି ମାଲିକଙ୍କ ପାଇଁ ଆକର୍ଷଣୀୟ ଅଫର

**ଭୁବନେଶ୍ୱର, ୧୦।୩ (ନି.ପ୍ର) :** ଆମାଜନ ପେ ପକ୍ଷରୁ ଏହାର ଯାନବାହନ ବୀମା (ଭେଇକିଲ ଇନ୍ସ୍ୟୋରାନ୍ସ) ପୋର୍ଟଫୋଲିଓର ସମ୍ପ୍ରସାରଣ ନେଇ ଘୋଷଣା କରାଯାଇଛି। ଏହା ସହିତ କମ୍ପାନୀ ଏଚଡିଏଫସି ଏର୍ଗୋ, ଆକୋ ଏବଂ ଆଇସିଆଇସିଆଇ ଲୋମ୍ବାର୍ଡ ସହିତ ନିଜର ସହଭାଗିତା ମାଧ୍ୟମରେ କାର ଏବଂ ଦୁଇ ଚକିଆ ଯାନ ଉପରେ କମ୍ ଦାମ୍‌ରେ ସାରା ଦେଶରେ ନିରବଚ୍ଛିନ୍ନ କଭରେଜ୍ ପ୍ରଦାନ କରୁଛି। ଗ୍ରାହକମାନେ ଏବେ ସିଧାସଳଖ ଆମାଜନ ପେ ମାଧ୍ୟମରେ ସେମାନଙ୍କର ଯାନବାହନ ବୀମା ପାଇଁ ସଠିକ୍ ପ୍ଲାନ୍ ଖୋଜି ପାରିବେ ଏବଂ ଅତି ସରଳ ଉପାୟରେ ସେମାନଙ୍କ ଯାନ ପାଇଁ ବୀମା ସୁରକ୍ଷିତ କରିପାରିବେ। ସାରା ଦେଶରେ ୨୫ କୋଟିରୁ ଅଧିକ ଦୁଇ ଚକିଆ ଯାନ ମାଲିକ ଏବଂ ୩ କୋଟିରୁ ଅଧିକ କାର୍ ମାଲିକ ବର୍ତ୍ତମାନ ଆମାଜନ ଆପ୍ ମାଧ୍ୟମରେ ମାତ୍ର କିଛି ମିନିଟ୍‌ରେ ଅତି ସହଜରେ ଏବଂ ଆକର୍ଷଣୀୟ ମୂଲ୍ୟରେ ଯାନବାହନ ବୀମା କିଣିପାରିବେ।

ଏସମ୍ପର୍କରେ ଆମାଜନ ପେ ଇଣ୍ଡିଆ ସିଇଓ ବୀକାଶ ବନସଲ କହିଛନ୍ତି ଯେ, 'ଭାରତରେ ପିକୃତ ହୋଇଥିବା ଦୁଇ-ଚ଼କିଆ ଯାନ ମଧ୍ୟରୁ ୭୦%ରୁ ଅଧିକ ବୀମାଭୁକ୍ତ ହୋଇନଥିବା ବେଳେ, ଆମେ ଦ୍ୱିତୀୟ ସ୍ତରୀୟ ଏବଂ ତୃତୀୟ ସ୍ତରୀୟ ସହର ଗୁଡ଼ିକରେ ବୀମାର ପ୍ରସାର ବଢ଼ାଇବା ଉପରେ ଧ୍ୟାନ ଦେଉଛୁ। ଭାରତର ସବୁଠାରୁ ବିଶ୍ୱସ୍ତ ବୀମାକାରୀଙ୍କ ସହ ସହଭାଗୀତାରେ ଏକ ବ୍ୟାପକ କ୍ୟାସଲେସ ଗ୍ୟାରେଜ ନେଟୱାର୍କ ପ୍ରଦାନ କରି ଆମେ କେବଳ ଏକ ସେବା ଯୋଗାଉନାହୁଁ, ବରଂ ଆମେ ଲକ୍ଷ ଲକ୍ଷ ସଡ଼କ ବ୍ୟବହାରକାରୀ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ୍ ପ୍ରଦାନ କରୁଛୁ ଏବଂ ଏକ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ସମାଜ ଗଠନରେ ସାହାଯ୍ୟ କରୁଛୁ।

ସମଗ୍ର ଦେଶରେ ୨୫୦ ନିୟୁତରୁ ଅଧିକ ଦୁଇ-ଚକିଆ ଯାନ ମାଲିକ ଏବଂ ୩୦ ନିୟୁତ କାର ମାଲିକ ଏବେ ଆମାଜନ ଆପ୍ ମାଧ୍ୟମରେ ମାତ୍ର କିଛି ମିନିଟ ମଧ୍ୟରେ ପ୍ରତିଯୋଗୀତାମୂଳକ ମୂଲ୍ୟରେ ବୀମା କିଣିପାରିବେ। ଏହି ସେବା ସାଧାରଣ ସମସ୍ୟା ଗୁଡ଼ିକୁ ଦୂର କରିଥାଏ - ବିଶେଷ ଭାବରେ ଦୁଇ-ଚ଼କିଆ ଯାନ ପାଇଁ ପ୍ରକୃତ ଯାଂଚର ଆବଶ୍ୟକତା ନଥାଏ, ଡ଼ିଜିଟାଲ ପଲିସି ପ୍ରଦାନ ତଥା ଏହି ପଲିସିକୁ ପ୍ରୋସେସ କରିବା ସମୟରେ କୌଣସି ଅନାବଶ୍ୟକ ସେଲସ୍ କଲ ରହି ନଥାଏ। ଏଥିସହିତ ଗ୍ରାହକମାନେ ମଧ୍ୟ ଭାରତର ୯୦୦୦ରୁ ଅଧିକ ନେଟୱାର୍କ ଗ୍ୟାରେଜରେ କ୍ୟାସଲେସ ଦାବିଦାରୀ ସୁବିଧା ପାଇପାରିବେ।

# ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ହେରିଟେଜ୍ ଫୁଡ୍ ୯ ଟି ରାଜ୍ୟରେ ୨,୦୦୦ରୁ ଅଧିକ ମହିଳା କୃଷକଙ୍କ ଦ୍ୱାରା ପରିଚାଳିତ ଦୁଗ୍ଧ କ୍ରୟ କେନ୍ଦ୍ରକୁ ସମ୍ମାନିତ କରିଛି



**ଭୁବନେଶ୍ୱର, ୧୦।୩ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଦୁଗ୍ଧଜାତ କମ୍ପାନି ହେରିଟେଜ୍ ଫୁଡ୍ସ ଲିମିଟେଡ୍ ୮ ମାର୍ଚ୍ଚ ୨୦୨୬ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ମହାରାଷ୍ଟ୍ର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ଉତରପ୍ରଦେଶ, ପାବ ଏବଂ ରାଜସ୍ଥାନ ଭଳି ନଅଟି ରାଜ୍ୟର ୧୮୯ଟି ଶୀତଳୀକରଣ କେନ୍ଦ୍ରରେ ଅଂର୍ଜାତୀୟ ମହିଳା ଦିବସ ପାଳନ କରିଛି। ଦିନର କେନ୍ଦ୍ରବିନ୍ଦୁ ଥିଲା ତେଲେଙ୍ଗାନାର ଶାଦନଗର ଅନ୍ତର୍ଗତ ନନ୍ଦିଗାମା ଗ୍ରାମରେ ମହିଳା ଦୁଗ୍ଧ ଚାଷୀଙ୍କ ସହ ଆଲୋଚନା ଯେଉଁଥିରେ ଏହି ଅଂଚଳର ପ୍ରାୟ ୫୦୦ ମହିଳା ଚାଷୀ ଏକତ୍ରିତ ହୋଇଥିଲେ । ହେରିଟେଜ୍ ଫୁଡ୍ ସେମାନଙ୍କ ଗୋରୁମାନଙ୍କ ପାଇଁ ଖାଦ୍ୟ ଏବଂ ପୁଷ୍ଟିକର ବଂଟନ ସହିତ ଏକ ପ୍ରାଣୀ ଚିକିତ୍ସା ଶିବିରର ଆୟୋଜନ କରିଥିଲା ଏବଂ ଦୁଗ୍ଧ ଉତ୍ପାଦକତା ଏବଂ ପଶୁ କଲ୍ୟାଣରେ ଉନ୍ନତି ଆଣିବା ଉପରେ ଖୋଲା ଆଲୋଚନାର ସୁବିଧା ଦେଇଥିଲା । ଏହି କାର୍ଯ୍ୟକ୍ରମରେ ହେରିଟେଜ୍ ଯୋଗାଣ ଶୃଙ୍ଖଳାରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମହିଳା କୃଷକମାନଙ୍କୁ ସ୍ୱୀକୃତି ପ୍ରଦାନ କରି ଏକ ସମ୍ବର୍ଦ୍ଧନା ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ହେରିଟେଜ୍ ଫୁଡ୍ସର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଭୁବନେଶ୍ୱରୀ ନାରା କହିଛଁ ଯେ, '୩୩ ବର୍ଷ ଧରି, ହେରିଟେଜ୍ ଫୁଡ୍ ଏହାର କୃଷକମାନଙ୍କ ସହିତ ଗୋଟିଏ ପରିବାର ଭାବରେ ଯାତ୍ରା କରିଛି ଏବଂ ମହିଳାମାନେ ସେହି ଯାତ୍ରାର କେନ୍ଦ୍ରବିନ୍ଦୁ ଅଟନ୍ତି । ଆଜି, ଆମର ୪୨% ଦୁଗ୍ଧ ସଂଗ୍ରହ କେନ୍ଦ୍ର ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଆମର କୃଷକ ସହଯୋଗୀମାନଙ୍କ ମଧ୍ୟରୁ ପ୍ରାୟ ୪୫% ମହିଳା ଅଟନ୍ତି । ଏଗୁଡ଼ିକ କେବଳ ସଂଖ୍ୟା ନୁହେଁ - ଏହା ଆମର ବିଶ୍ୱାସ ଯେ ଯେତେବେଳେ ଜଣେ ମହିଳା ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ହୁଅନ୍ତି, ସେତେବେଳେ ତାଙ୍କ ପରିବାର ଶକ୍ତିଶାଳୀ ହୁଏ, ତାଙ୍କ ଗାଁ ଶକ୍ତିଶାଳୀ ହୁଏ, ଏବଂ ଦେଶ ଶକ୍ତିଶାଳୀ ହୁଏ । ଆମର ମହିଳା କୃଷକମାନେ ଆଣୁଥିବା ପ୍ରତ୍ୟେକ ଲିଟର କ୍ଷୀର ସେମାନଙ୍କର କଠିନ ପରିଶ୍ରମ, ସେମାନଙ୍କର ଆତ୍ମସମ୍ମାନ ଏବଂ ସେମାନେ ସେମାନଙ୍କ ପରିବାର ପାଇଁ ଗଠନ କରୁଥିବା ଭବିଷ୍ୟତର ପ୍ରତୀକ । ହେରିଟେଜ୍‌ରେ, ଆମେ ନିଶ୍ଚିତ କରିବାକୁ ଗଭୀର ଭାବରେ ପ୍ରତିଶ୍ରୁତିବଦ୍ଧ ଯେ ସେମାନଙ୍କର କାର୍ଯ୍ୟକୁ ସ୍ୱୀକୃତି ମିଳିବ, ସେମାନଙ୍କର ଦେୟ ସ୍ୱଚ୍ଛ ଏବଂ ସମୟାନୁବର୍ତ୍ତୀ ଏବଂ ସେମାନଙ୍କର ନେତୃତ୍ୱ ବୃଦ୍ଧି ପାଇବାରେ ଲାଗିଛି ।

# ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫-୨୬ ଉନ୍ମୋଚିତ

**ମୁମ୍ବାଇ, ୧୦।୩ (ନି.ପ୍ର) :** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍, ୟୁଗଭ୍ ସହିତ ସହଭାଗୀତାରେ ୧୩ଟି ସହରରେ ୫,୦୫୦ ସହରାଞ୍ଚଳ ପୁଞ୍ଜିନିବେଶକାରୀଙ୍କ ସମ୍ପର୍କରେ ରାଷ୍ଟ୍ରବ୍ୟାପୀ ଅଧ୍ୟୟନ କରିବାକୁ ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫-୨୬ ଉନ୍ମୋଚନ କରିଛି, ଯେଉଁଥିରେ ଭାରତର ପୁଞ୍ଜିନିବେଶ ଦୃଶ୍ୟପଟ୍ଟରେ ନିର୍ଣ୍ଣାୟକ ସ୍ଥାନାନ୍ତରଣ ସମ୍ପର୍କରେ ପ୍ରକାଶ କରାଯାଇଛି। ପୁଁନିବେଶକଙ୍କ ଆତ୍ମବିଶ୍ୱାସ ଏବଂ ସୁସଂହତ ଆର୍ଥିକ ଯୋଜନା ମଧ୍ୟରେ ପ୍ରଶସ୍ତ ତାରତମ୍ୟ ସର୍ବସମ୍ମୁଖକୁ ଆସିଥିଲେ ମଧ୍ୟ ମହିଳାମାନେ ଅଧିକରୁ ଅଧିକ ସେମାନଙ୍କର ଆର୍ଥିକ ନିଷ୍ପତ୍ତିଗୁଡିକର ଦାୟିତ୍ୱ ନିଜେ ନେଉଥିବା ପରିଲକ୍ଷିତ ହୋଇଛି। ସଂଖ୍ୟାଗରିଷ୍ଠ ମହିଳା (୫୬%) ସମ୍ପ୍ରତି କହିଛନ୍ତି ଯେ ସେମାନେ ସ୍ୱାଧୀନ ଭାବରେ ପୁଁନିବେଶ ନିଷ୍ପତ୍ତି ନେଉଛନ୍ତି, ଯାହା ୨୦୨୨ରେ ଥିବା ୪୪% ତୁଳନାରେ ତୀକ୍ଷ୍ଣ ବୃଦ୍ଧିଘଟିଛି, ଏବଂ ଅଧ୍ୟୟନରେ ଏହା ସବୁଠାରୁ ଉଲ୍ଲେଖଯୋଗ୍ୟ ଗତିଶୀଳତା ଭାବରେ ଲିପିବଦ୍ଧ କରାଯାଇଛି। ପୁରୁଷମାନେ ୬୮% ସହିତ ଅଗ୍ରଣୀ ସ୍ଥାନ ବଜାୟ ରଖିଛନ୍ତି, ତେବେ ମହିଳାମାନଙ୍କ କ୍ଷେତ୍ରରେ ଏହି ତ୍ୱରାନ୍ୱିତ ସ୍ଥିତି କେବଳ ବର୍ଦ୍ଧିତ ଅଂଶଗ୍ରହଣ ଅପେକ୍ଷା ସୁସଂହତ ପରିବର୍ତ୍ତନର ସୂଚନା ଦେଉଛି। ତେବେ ସ୍ୱାଧୀନତା ଅର୍ଥ ପରାମର୍ଶକୁ ଦୂରରେ ରହିବା ନୁହେଁ। ମହିଳମାନେ ସମ୍ପ୍ରତି ପରାମର୍ଶ ସହିତ ସ୍ୱାୟତ୍ତତାକୁ ସମ୍ମିଶ୍ରିତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତି ଚାରିଜଣରେ ପ୍ରାୟ ଜଣେ ମହିଳା (୨୦୨୫ରେ ୨୪% ବନାମ ୨୦୨୨ରେ ୧୭%) କହିଛନ୍ତି ଯେ, ସେମାନେ ବୃତ୍ତିଗତ ପରାମର୍ଶଦାତାଙ୍କ ସହିତ ବିଚାର ବିମର୍ଷ କରିବାରେ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ନିଷ୍ପତ୍ତି ନେଉଛନ୍ତି।

ସ୍ୱାମୀମାନଙ୍କ ନିକଟରୁ ଉତ୍ସାହ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୌକାର୍ଯ୍ୟକାରୀ ଭାବରେ ଉଭା ହୋଇଛି, ଏବଂ ମହିଳାମାନେ ସେମାନଙ୍କର ପୁଁନିବେଶ ଯାତ୍ରାରେ ସେମାନଙ୍କର ସାଥୀଙ୍କୁ ଏକ ପ୍ରଭାବ ଭାବରେ ଦର୍ଶାଇବାର ଅଧିକ ସମ୍ଭାବନା ରହିଛି। ସେହି ସମୟରେ ନିଜକୁ ଆତ୍ମ-ଶିକ୍ଷିତ ପୁଁନିବେଶକ ଭାବରେ ବର୍ଣ୍ଣନା କରୁଥିବା ମହିଳାଙ୍କ ଅନୁପାତ ୧୩%ରୁ ୧୬%କୁ ବୃଦ୍ଧିପାଇଛି, ଯାହା ବର୍ଦ୍ଧିତ ଆର୍ଥିକ ଆତ୍ମବିଶ୍ୱାସ ଏବଂ ଆତ୍ମ-ଶିକ୍ଷାକୁ ପ୍ରତିଫଳିତ କରୁଛି।

ତଥାପି ଏହି ଅଧ୍ୟୟନରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଦୃଷ୍ଟିକୁ ଆସିଛି। ଲିଙ୍ଗ ନିର୍ବିଶେଷରେ ୮୪% ପୁଁନିବେଶକ କହିଛନ୍ତି ଯେ, ସେମାନେ ନିଜସ୍ୱ ପୁଁନିବେଶ ନିଷ୍ପତ୍ତି ନେବା କ୍ଷେତ୍ରରେ ନିଜକୁ ପୂର୍ଣ୍ଣ ଆତ୍ମବିଶ୍ୱାସୀ ମନେ କରିଥାନ୍ତି, ମାତ୍ର ୩୩% କହିଛନ୍ତି ଏହା ହାସଲ କରିବା ନିମନ୍ତେ ସେମାନଙ୍କର ଉଭୟ ଆର୍ଥିକ ଲକ୍ଷ୍ୟ ଏବଂ ଏକ ସୁସଂହତ ଯୋଜନା ରହିଛି। ପ୍ରାୟ ଅର୍ଦ୍ଧେକ 'ଦୀର୍ଘସୂତ୍ରୀ ପୁଁନିବେଶ'କୁ ତିନିବର୍ଷ ଅଥବା ତାହାଠାରୁ କମ୍ ଭାବରେ ବର୍ଣ୍ଣନା କରିଥିବାବେଳେ ମାତ୍ର ୨୮% ସ୍ପଷ୍ଟ ଭାବରେ ଦୀର୍ଘସୂତ୍ରୀ ପୁଁନିବେଶକୁ ପାଞ୍ଚବର୍ଷ ଅଥବା ତାହାଠାରୁ ଅଧିକ ସମୟ ସହିତ ଯୋଡିଛନ୍ତି। ରିଟର୍ଣ୍ଣ (ଆୟ)କୁ ନେଇ ଆଶା ଆକାଂକ୍ଷା ପୁନଶ୍ଚ ଏହି ଆଚରଣଗତ ତାରତମ୍ୟକୁ ପ୍ରଦର୍ଶିତ କରୁଛି। ତିରିଶ ପ୍ରତିଶତ କହିଛନ୍ତି, ମୁଦ୍ରାସ୍ଫୀତିକୁ ପରାସ୍ତ କରିବା ପର୍ଯ୍ୟାପ୍ତ, ୨୨% ବଜାରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଥିବାବେଳେ ୨୧% ସେମାନଙ୍କର ରିଟର୍ଣ୍ଣକୁ ସେମାନଙ୍କର ସାଙ୍ଗସାଥୀ ଅଥବା ସମକକ୍ଷଙ୍କ ସହିତ ବେଞ୍ଚମାର୍କ କରିଛନ୍ତି। ଅନୁଧ୍ୟାନରେ କୁହାଯାଇଛି ଯେ ସଶକ୍ତିକରଣ ଏବଂ ସୁଯୋଗରେ ଉନ୍ନତି ଘଟିଥିବାବେଳେ ଶୃଙ୍ଖଳିତ ଯୋଜନା ପ୍ରସ୍ତୁତି ଏବଂ ସମୟଗତ ସ୍ୱଷ୍ଟତା ସୁଯୋଗର କ୍ଷେତ୍ର ହୋଇ ରହିଛି।

ଟଙ୍କାର ଭାବପ୍ରବଣ ଅର୍ଥ ନିଜେ ପରିବର୍ତ୍ତିତ ହେଉଥିବା ଲକ୍ଷ୍ୟ କରାଯାଇଛି। 'ସ୍ୱାଧୀନତା' ସହିତ ଟଙ୍କାର ସଂପୃକ୍ତି ୨୦୨୨ରେ ୨୭% ଥିବାବେଳେ ୨୦୨୫ରେ ୩୫%କୁ ବୃଦ୍ଧିପାଇଛି, ସେହି ସମୟରେ 'ବଞ୍ଚିବା' ଏବଂ 'ଆବଶ୍ୟକତା' ସହିତ ସଂପୃକ୍ତ ହ୍ରାସପାଇଛି। ସମ୍ପ୍ରତି ପ୍ରାୟ ୪୮% କହିଛନ୍ତି ଯେ ସେମାନେ ମୂଳତଃ ଆର୍ଥିକ ସ୍ୱାଧୀନତା ଏବଂ ସୁରକ୍ଷା ହାସଲ କରିବାକୁ ପୁଁନିବେଶ କରୁଛନ୍ତି, ଯାହା ୨୦୨୨ରେ ଥିବା ୪୪% ତୁଳନରେ ବୃଦ୍ଧିପାଇଛି। ମହିଳାମାନଙ୍କ ମଧ୍ୟରେ ଟଙ୍କା ଓ ନିରାପତ୍ତା ଓ ତତ୍‌ସହିତ ଆକାଂକ୍ଷିତ ଆହରଣ ମଧ୍ୟରେ ସଂପୃକ୍ତି ସୁଦୃଢ ହୋଇଛି, ଯାହା ଆର୍ଥିକ ଏଜେନ୍ସିର ଏକ ବିସ୍ତାରିତ ପୁନଃରୂପ ନିର୍ଦ୍ଧାରଣକୁ ପ୍ରତିଫଳିତ କରୁଛି।

ଆକାଂକ୍ଷଗୁଡିକ ମଧ୍ୟ ପାରମ୍ପରିକ ସମ୍ପତ୍ତି ମାଲିକାନା ଊର୍ଦ୍ଧ୍ୱରେ ପରିବର୍ତ୍ତିତ ହେଉଛି। ଜୀବନଧାରଣ ମାନରେ ଉନ୍ନତି ଏବଂ ଅବସର ନିମନ୍ତେ ସଞ୍ଚୟ ଯୋଜନା ଶୀର୍ଷ ଆର୍ଥିକ ଲକ୍ଷ୍ୟସମୂହ ହୋଇ ରହିଥିବାବେଳେ ଜୀବନଶୈଳୀଗତ ପସନ୍ଦ ପ୍ରସାରିତ ହେଉଛି। ଏକଚାଳିଶ ପ୍ରତିଶତ ମହିଳା- ବିଶେଷକରି ୨୫ରୁ ୪୪ ବର୍ଷ ବୟସ ବର୍ଗରେ, ଏକ ବାସଗୃହ କିଣିବା ଅପେକ୍ଷା ଭ୍ରମଣକୁ ଅଗ୍ରାଧିକାର ଦେଉଛନ୍ତି। ଏକ ବାସଗୃହ କିଣିବାର ଶୀର୍ଷ ସ୍ୱପ୍ନ ଭାବରେ ଉପସ୍ଥାପନ କରିବା ୨୦୨୨ରେ ୩୬% ଥିବାବେଳେ ୨୦୨୫ରେ ୨୮%କୁ ହ୍ରାସପାଇଛି। ସେହି ସମୟରେ ଛୁଟିଦିନଗୁଡିକରେ ଇଚ୍ଛାଧୀନ ଖର୍ଚ୍ଚ ଲିଙ୍ଗ ନିର୍ବିଶେଷରେ ବୃଦ୍ଧିପାଇଛି। କମ୍ ସଂଖ୍ୟକ ଅଂଶଗ୍ରହଣକାରୀ ପ୍ରକାଶ କରିଛନ୍ତି ଯେ ସେମାନଙ୍କ ନିକଟରେ ବଳକା ନଗଦ ଅର୍ଥ ନାହିଁ, ଯେଉଁଥିରୁ ଉନ୍ନତ ଆର୍ଥିକ ଅଂଶଗ୍ରହଣ ଏବଂ ଲିକ୍ୱିଡିଟିର ସୂଚନା ମିଳୁଛି। ୬୨%ରୁ ଅଧିକ ମ୍ୟୁଚୁଆଲ ଫଣ୍ଡ୍ ନିବେଶକ କହିଛଁ, ବଜାର ନିମ୍ନମୁଖୀ ହେଲେ ମଧ୍ୟ ସେମାନେ ପୁଁନିବେଶ ଜାରି ରଖିବେ, ଏଥିରୁ ବର୍ଦ୍ଧିତ ମଜଭୁତପଣର ସୂଚନା ମିଳୁଛି। ନିମ୍ନଗାମୀ ବଜାରଗୁଡିକରେ (୧୫% ବନାମ ୧୦% ମହିଳା) ପୁରୁଷମାନେ ସେମାନଙ୍କର ନିବଶେ ବୃଦ୍ଧିକରିବାର ଅଧିକ ସମ୍ଭାବନା ରହିଛି, ସେହି ସମୟରେ ମହିଳାମାନେ ଡେବ୍‌ଟ ମ୍ୟୁଚୁଆଲ ଫଣ୍ଡ୍ ଏବଂ ଇଟିଏଫ୍‌ଗୁଡିକରେ ତୁଳନାତ୍ମକ ଭାବରେ ଅଧିକ ଅଂଶଗ୍ରହଣ ଆଗ୍ରହ ପ୍ରକାଶ କରିଛନ୍ତି; ଯେଉଁଥିରୁ ପୃଥକୀକୃତ ଅଥଚ ପରିପକ୍ୱ ଆପଦ ପସନ୍ଦଗୁଡିକ ପ୍ରତିଫଳିତ ହେଉଛି।



## ଗାଦିବ୍ରହ୍ମ ଡ଼ିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ଡେଲାଙ୍ଗ,୧୦।୩ (ନି.ପ୍ର):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗାଦିବ୍ରହ୍ମ ଡ଼ିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ,ଓଡିଶା ରାଜ୍ୟ ସରକାର ଦ୍ୱାରା ପ୍ରାୟୋଜିତ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଷ୍ଟ ଦିବସୀୟ ଆତ୍ମରକ୍ଷା ତାଲିମ ଶିବିର ମହାବିଦ୍ୟାଳୟ ର ଐତିହ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଜାତୀୟ ସେବାଯୋଜନା ଆନୁକୂଲ୍ୟରେ ଉଦଘାଟିତ ହୋଇ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିର ରେ ମହାବିଦ୍ୟାଳୟ ର ୫୦ ଜଣ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଆଠ ଦିନ ଧରି ବିଭିନ୍ନ ଆତ୍ମରକ୍ଷା କୌଶଳ ତାଲିମ ନେବା ସହ ଶିବିର ଶେଷରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ରେ ଉନ୍ନତି ସମ୍ବଳିତ ମାନପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବାର ସୂଚନା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀଣି ତଥା ପ୍ରଶିକ୍ଷଣ ଶିବିର ସଂଯୋଜିକା ଡଃ. ଭବାନୀ ପ୍ରୀୟଦର୍ଶିନି ମହାନ୍ତି ସୂଚନା ପ୍ରଦାନ କରିଛନ୍ତି ମହାବିଦ୍ୟାଳୟ ଅଧକ୍ଷ ଡଃ. ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ଉଦଘାଟିତ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଯୁଧିଷ୍ଠିର ଘଟୁଆରୀ, ଅଧାପିକା କବିତା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଛାତ୍ରୀମାନଙ୍କ ନିମିତ୍ତ ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ସମ୍ବନ୍ଧ ରେ



ଆଲୋକପାତ କରିଥିଲେ। ଶିବିର ସଂଯୋଜିକା ଅଧାପିକା ଡ଼କ୍ଟର ମହାନ୍ତି ସ୍ୱାଗତଂ ଭାଷଣ ପ୍ରଦାନ କରିବା ସହିତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନ ଦିବସ ତଥା ପ୍ରଶିକ୍ଷଣ ପ୍ରଥମ ଦିବସରେ ୫୦ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଶିକ୍ଷକ ସୋନାଲିନ ଆଚାର୍ଯ୍ୟଙ୍କ ଠାରୁ ତାଲିମ ନେଇଥିଲେ ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦରରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ପ୍ରତିଷ୍ଠା ଦିବସ ପାଳିତ

**ପାରାଦୀପ, ୧୦।୩ (ନି.ପ୍ର):** ପାରାଦୀପ ବନ୍ଦର ପ୍ରାଧିକରଣ ର କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) କମ୍ପ୍ଲେକ୍ସରେ ଏହାର ୫୭ତମ ପ୍ରତିଷ୍ଠା ଦିବସ ମାର୍ଚ୍ଚ ୧୦ ତାରିଖ ମଙ୍ଗଳବାର ଦିନ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରାଧିକରଣର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବର ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ହରନାଧ କହିଥିଲେ ଯେ ବନ୍ଦରର ଅଭୂତପୂର୍ବ ଅଭିବୃଦ୍ଧିରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ର ଅପରିହାର୍ଯ୍ୟ ଅବଦାନ ଏବଂ ଏକ ବିଶ୍ୱସ୍ତରୀୟ ବୃହତ ବନ୍ଦର ଭାବରେ ଏହାର ଭବିଷ୍ୟତ ପାଇଁ ଏକ ମହତ୍ୱାକାଂକ୍ଷୀ ଦୃଷ୍ଟିକୋଣକୁ ରୂପରେଖା ଦିଆଯାଇଛି। ବନ୍ଦର ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ୯% ର ଏକ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର ହାସଲ କରିଛି, ଯାହା ଜାତୀୟ ହାରାହାରିକୁ ଦ୍ୱିଗୁଣିତ କରିଛି।



ବନ୍ଦରର ଦ୍ୱାରଗୁଡ଼ିକ ଭାରତର ଅର୍ଥନୈତିକ କରିଡର ବୋଲି ସ୍ୱୀକାର କରି, ପାରାଦୀପ ବନ୍ଦରର ଉନ୍ନତ ସୁରକ୍ଷା ଭିତ୍ତିଭୂମିରେ ଉଲ୍ଲେଖନୀୟ ନିବେଶ କରୁଛି। ପଣ୍ୟ ପରିଚାଳନକୁ ସୁବ୍ୟବସ୍ଥିତ କରିବା ପାଇଁ ଏଆଇ-ଆଧାରିତ ଗେଟ୍ ମ୍ୟାନିଂ, ମେସିନ୍ ଲର୍ଣ୍ଣିଂ-ଲିଙ୍କ୍ଡ ପରିଚାଳନା ଏବଂ ଏକ କ୍ୟୁଆର କୋଡ୍ ସିଷ୍ଟମ ପାଇଁ ଯୋଜନା ଚାଲିଛି। ୭୨ ରୁ ଉର୍ଦ୍ଧ ହାଇ-ଡେଫିନେସନ୍ କ୍ୟାମେରା ସହିତ ସଜ୍ଜିତ ଏକ ଅତ୍ୟାଧୁନିକ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ବର୍ତ୍ତମାନ ସମଗ୍ର ବନ୍ଦର କ୍ଷେତ୍ରର ବ୍ୟାପକ ତଦାରଖ ପ୍ରଦାନ କରୁଛିଯ ପାରାଦୀପ ବନ୍ଦର ସିଆଇଏସଏଫ ଶକ୍ତିକୁ ୨୦% ବୃଦ୍ଧି କରିବା ଏବଂ କର୍ମଚାରୀଙ୍କ ଆରାମ ଏବଂ ପ୍ରଭାବଶାଳୀତା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କ୍ୱିକ୍ ରିଆକ୍ସନ୍ ଟିମ୍ ଯାନ ଏବଂ ଆଧୁନିକୀକରଣ ବାରାକ୍ ପ୍ରଦାନ କରିବାକୁ ପ୍ରସ୍ତାବ ରହିଛି।

ଏହା ଉପରେ ବନ୍ଦର ଅଧକ୍ଷ ଶ୍ରୀ ହରଣାଧ ଗୁରୁତ୍ୱାରୋପ କରିଥିଲେ ଯେ ପାରାଦୀପ ବନ୍ଦରକୁ ଏକ ବିଶ୍ୱସ୍ତରୀୟ ମେଗା ବନ୍ଦରରେ ପରିଣତ କରିବା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ସିଆଇଏସଏଫ ମଧ୍ୟରେ ନିରନ୍ତର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ବାହିନୀର ସ୍ୱଚ୍ଛତା ଏବଂ ବୃତ୍ତିଗତତାର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଅନୁରୋଧ କରିଥିଲେ, ଯାହା ଦ୍ୱାରା ବନ୍ଦର ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଇଞ୍ଜିନ ଭାବରେ ରହିବ ତାହା ନିଶ୍ଚିତ ହୋଇପାରିବ।

## ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର

**ଜଳେଶ୍ୱର, ୧୦/୩, (ନି.ପ୍ର):** ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣୀ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଜନ ଶୁଣାଣୀରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ପ୍ରଭାତ କୁମାର ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ହୋଇ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେଯଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଜଳେଶ୍ୱର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ପ୍ରତ୍ୟକ୍ଷ ସହଯୋଗରେ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ, ଡିଇଓ ବସନ୍ତ ନାୟକ, ବିଇଓ ଜଗବନ୍ଧୁ ଜେନା, ଟାଟା ପାୱାର ଏସଡିଓ ବିଦ୍ୟାଧର ପଣ୍ଡା, ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ରାସ୍ତା, ପିଇବା ପାଣି, ମଧୁବାବୁ ପେନସନ ଯୋଜନା,



ସ୍ୱାସ୍ଥ୍ୟ,. ଶିକ୍ଷା, , ଶ୍ରମିକ କାର୍ଡ, ଘରବାରୀ ପଟ୍ଟା, ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଧାନମଣ୍ଡି, ବାଲି, ମାଟି ଓ ମୋରମ ଚୋରାଚାଲାଣ, ବସୁଧା ଯୋଜନାରେ ପାଣି ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ଏହି ଶିବିରରେ ମୋଟ ୧୫୬ ଟି ଅଭିଯୋଗ ଆସିଥିଲା। ବ୍ଲକର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଭାରପ୍ରାପ୍ତ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିକ୍ରମ ଜେନା, ବ୍ଲକ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ନିରଞ୍ଜନ ନାୟକ, ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ କୁମାର ପାତ୍ର, ସିପି ସୁଜିତ କୁମାର ଜେନା ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପାରାଦୀପରେ ମମତା ବାନାର୍ଜୀ ଙ୍କ କୁଶପୁତ୍ତଳିକା ଦାହ



**ପାରାଦୀପ, ୧୦।୩ (ନି.ପ୍ର):** ମହାମହିମ ରାଷ୍ଟ୍ରପତି ଙ୍କୁ ଅପମାନ ଘଟଣା କୁ ନେଇ ତାରିଣିଗଡା ଯୁଥ ଫେଡେରେସନ ତରଫରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ଗସ୍ତରେ ଯାଇଥିବା ବେଳେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ଅସହଯୋଗ କରାଯିବା ସହ ଅପମାନର ଦେବାକୁ ପଛେଇ ନ ଥିଲେ ଯାହାକୁ ନେଇ ତୀବ୍ର ଅସନ୍ତୋଷ କୁହୁଳିବାରେ ଲାଗିଛି। ଶିଲିଗୁଡ଼ିରେ ଆୟୋଜିତ ଏକ ଆନ୍ତର୍ଜାତୀକ ସମ୍ମିଳନୀରେ ରାଷ୍ଟ୍ରପତି ଯୋଗଦେବାକୁ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିମ୍ୱା କୌଣସି ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବାତ ଦୂରର କଥା ଆଡ଼ ଆଖିରେ ନ ଦେଖିବା ଘଟଣାକୁ ସଙ୍ଗୀନ କରି ଦେଇଛି। ଶେଷ ମୁହୂର୍ତ୍ତ ରେ କାର୍ଯ୍ୟକ୍ରମ ସ୍ଥାନ ପରିବର୍ତ୍ତନ କରିବା ଏବଂ ପ୍ରୋଟୋକଲ୍ ଉଲଂଘନକୁ ନେଇ ରାଷ୍ଟ୍ରପତି ଏଇ ଭଳି ହୀନ ମାନସିକତା କାର୍ଯ୍ୟ କୁ ଘୃଣା ଚକ୍ଷୁ ରେ ଦେଖିବାସହ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ନିଜ ଭାଷଣରେ ସେ ପରୋକ୍ଷରେ ମମତା ଦିଦି ତାଙ୍କ ଉପରେ ରାଗିଛନ୍ତି ବୋଲି ମତ ରଖିଥିଲେ। ଦେଶର ସର୍ବୋଚ୍ଚ ନାଗରିକଙ୍କ ପ୍ରତି ମମତା ସରକାରଙ୍କ ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି କହିବା ସହିତ ମମତା ବାନାର୍ଜୀ ସର୍ବ ସମ୍ମୁଖରେ ମହାମହିମ ରାଷ୍ଟ୍ରପତି ଙ୍କୁ କ୍ଷମାପ୍ରାର୍ଥନା କରିବାକୁ ଦାବି କରିଛନ୍ତି ବିଜୟଚନ୍ଦ୍ରପୁର ଯୁଥ ଫେଡେରେସନ। କ୍ଲବ ର ସମସ୍ତ ସଦସ୍ୟ ମାନେ ଏକଜୁଟ ହୋଇ ମମତା ବାନାର୍ଜୀ ଙ୍କ ଏଭଳି ଘୃଣ୍ୟ କାର୍ଯ୍ୟ କୁ ନିନ୍ଦା କରିବା ସହିତ ବିଭିନ୍ନ ପ୍ରକାର ନାରାବାଜି ଦେଇ ମମତା ଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

## ଏପ୍ରିଲ ୧ ଯାଏଁ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ପାଇଁ ଆବେଦନ ଶେଷ ତାରିଖ

**କେନ୍ଦ୍ରାପଡ଼ା,୧୦।୩ (ନି.ପ୍ର):** ଭାରତୀୟ ସେନାର ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ଅଧୀନରେ ୨୦୨୭ ନିଯୁକ୍ତି ବର୍ଷ ପାଇଁ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ) ନିମନ୍ତେ ଆବେଦନ ପ୍ରକ୍ରିୟା ୧୩ ଫେବୃଆରୀ ୨୦୨୬ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଚାଲିବ। ଯୋଗ୍ୟ ପ୍ରାର୍ଥୀମାନେ www.joinindianarmy.nic.inୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ପ୍ରାର୍ଥୀମାନେ ପ୍ରଥମେ କମ୍ପ୍ୟୁଟର ଆଧାରିତ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ) ଦେବାକୁ ପଡିବ। ଏହି ପରୀକ୍ଷା ପାଇଁ ୨୫୦ ଟଙ୍କା ପରୀକ୍ଷା ଶୁଳ୍କ ନିର୍ଦ୍ଧାରିତ ହୋଇଛି। ଏହି ପରୀକ୍ଷା ଆସନ୍ତା ଜୁନ୍ ମାସରେ ଆୟୋଜିତ ହେବାର ସମ୍ଭାବନା ରହିଛି ଏବଂ ନିଶ୍ଚିତ ତାରିଖ ପରେ ଘୋଷଣା କରାଯିବ। ଏହା ସଂପର୍କରେ କୌଣସି ପ୍ରଶ୍ନ ଥିଲେ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲ୍ଲାର ପ୍ରାର୍ଥୀମାନେ ଆର୍ମି ରିକ୍ରୁଟିଂ ଅଫିସ, କଟକ ସହ ମୋବାଇଲ୍ ନମ୍ବର ୯୪୩୭୧୬୨୨୮୦ କିମ୍ବା ଟେଲିଫୋନ୍ ନମ୍ବର ୦୬୭୧-୨୩୦୫୮୮୦ ରେ ଯୋଗାଯୋଗ କରିପାରିବେ ବୋଲି ଆର୍ମି ରିକ୍ରୁଟିଂ ଅଫିସ, କଟକ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଅଧିକରୁ ଅଧିକ ଯୁବକ ଓ ଯୁବତୀମାନେ ଏହି ନିଯୁକ୍ତି ପାଇଁ ପଞ୍ଜିକରଣ କରିବେ ବୋଲି ଲକ୍ଷ୍ୟ ରଖି ଆଜି ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଓସ୍ୱାନ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକ ଉପସ୍ଥିତ ଥିଲେ।

## ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ପାରାଦୀପ, ୧୦।୩ (ନି.ପ୍ର):** ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାରାଦୀପ ର ସ୍ଥାନୀୟ ମଧୁବନ ସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟରେ କାମ କରୁଥିବା ଅଧିକାରୀ କର୍ମଚାରୀ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ମାନେ ଉତ୍ସାହ ସହକାରେ ଏହି ଦିବସ ପାଳନ କରିଥିଲେ। ମହିଳା ମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ ତଥା ଦେଶ ଓ ବିଶ୍ୱ ସ୍ତରରେ ସେମାନଙ୍କ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମହିଳା ମାନଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା,ଅଭିଜ୍ଞତା ସହିତ ସକାରାତ୍ମକ ମନୋଭାବ ରହିଛି। କାର୍ଯ୍ୟାଳୟ ହେଉ କିମ୍ବା ପରିବାର ହେଉ ମହିଳା ଓ ପୁରୁଷ ମାନଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ। କେବଳ ଆଜିର ଦିନରେ ଉତ୍ସବ ପାଳନ କରିବା ସମ୍ମାନ ଦେବା ଉଚିତ୍ ନୁହେଁ ବରଂ ସବୁ ଦିନ ସବୁ ସମୟରେ ମହିଳା ମାନଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ମିଳିବା ଉଚିତ ବୋଲି କମ୍ପାନୀ ର ବରିଷ୍ଠ ଅଧିକାରୀ ତଥା ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଅଧକ୍ଷା ସଙ୍ଗୀତା ଜିନ୍ଦଲ ଙ୍କ ଦ୍ୱାରା ଏକ ୱେବ ଟେଲିକାଷ୍ଟ ସହିତ ମୁଖ୍ୟ ବକ୍ତା ଭାବେ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଧିକାରିଣୀ କଲ୍ୟାଣମୟୀ କ୍ଷେଣ୍ଟ,ପ୍ରକଳ୍ପ ମୁଖ୍ୟ, ବିଶ୍ୱନାଥ ପ୍ରଭୁ କେ ଙ୍କ ସମେତ ଶନମୁଗମ ଏଏସ,ରାକେଶ ଓଝା, ମନୋଜ କୁମାର ସିଂହ,ଗୋପାଳ ଶାହା ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳା ମାନଙ୍କୁ ନେଇ ମ୍ୟୁଜିକ ଚେୟାର,ପାସିଂ ବଲ୍,ହିଡେନ ଟ୍ୟାଲେଣ୍ଟ ଓ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶେଷରେ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ମହିଳା କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସମସ୍ତ ମହିଳା ମାନେ କେକ୍ କାଟି ପରସ୍ପରକୁ ଖୁଆଇ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ସମସ୍ତ ବିଭାଗୀୟ ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ପାରାଦୀପ ରିଫାଇନାରୀ ପକ୍ଷରୁ ଲେଭଲ୍-୨ ଅନସାଇଟ୍ ଆପାତ୍କାଳୀନ ମକ୍ଡ୍ରିଲ୍

**ପାରାଦୀପ,୧୦/୦୩ (ନି.ପ୍ର):** ପାରାଦୀପ ରିଫାଇନାରୀ ପକ୍ଷରୁ ମଙ୍ଗଳବାର ଦିନ ଲେଭଲ୍-୨ ଅନସାଇଟ୍ ଆପାତକାଳୀନ ମକ୍ଡ୍ରିଲ୍ ଆନୁଷ୍ଠିତ ହୋଇଯାଇଛି । ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିରେ କିପରି ତ୍ୱରିତ ଭାବେ ମୁକାବିଲା କରାଯିବ ସେ ନେଇ ଏହି ମକ୍ଡ୍ରିଲ୍ର ଆୟୋଜନ କରାଯାଇଥିଲା । ଏହି ବିପର୍ଯ୍ୟୟ ଯେପରି ରିଫାଇନାରୀ ପାର୍ଶ୍ୱବର୍ତ୍ତୀ ଅଂଚଳକୁ ପ୍ରଭାବିତ ନକରିବ ସେଥିପାଇଁ ରିଫାଇନାରୀର ଜରୁରୀକାଳୀନ



ପ୍ରସ୍ତୁତିର ମୂଲ୍ୟାଙ୍କନ କରିବା ପାଇଁ ଲେଭଲ-୨ ଅନସାଇଟ୍ ଆପାତକାଳୀନ ମକ୍ଡ୍ରିଲ୍ ହୋଇଥିଲା । ପାରାଦୀପ ରିଫାଇନାରୀ ଦ୍ୱାରା ଅନୁମୋଦିତ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ମକ୍ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଅଧକ୍ଷତା କରିଥିଲେ । ପାରାଦୀପ ରିଫାଇନାରୀର ମ୍ୟୁଚୁଆଲ୍ ଏଡ୍ ପାର୍ଟନରମାନଙ୍କ ସହିତ ପାରାଦୀପ ରିଫାଇନାରୀ ଅଗ୍ନିଶମ ବାହିନୀ ଏହି ମକ୍ଡ୍ରିଲ୍ରେ ଅଂଶ ଗ୍ରହଣ କରିଥିଲେ । ରିଫାଇନାରୀ ଏନଏଚଟି ଫିଡ୍ ଟ୍ୟାଙ୍କ ଏରିଆରୁ ଲିକେଜ୍ ହେବା ପରିସ୍ଥିତି ଅନୁମାନ କରାଯାଇଥିଲା । ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ଯୋଜନାର ପ୍ରୋଟୋକଲ୍ ଅନୁସାରେ ଏହି ନିୟନ୍ତ୍ରଣ କରାଯାଇଥିଲା ।

## ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ନଷ୍ଟ

**ବୁଗୁଡ଼ା, ୧୦।୩ (ନି.ପ୍ର) :** ସଂପ୍ରତି ବୁଗୁଡ଼ା ଅଞ୍ଚଳରେ ମାଙ୍କଡ଼ ପଲର ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିଲରେ ପଲ ପଲ ମାଙ୍କଡ଼ ପଶି ମୁଗ ଓ ବିରି ଖାଇବା ସହ ଫସଲ ଉଜାଡି ଦେଉଛନ୍ତି। ମାଙ୍କଡ଼ମାନଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡିଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା କରି ନ ପାରି କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଯଦି କୌଣସି ଚାଷୀ ନିଜ ବିଲରୁ ମାଙ୍କଡ଼ ପଲକୁ ଘଉଡାଇବାରେ ସକ୍ଷମ ହେଉଛନ୍ତି ତେବେ ମାଙ୍କଡ଼ ପଲ ଅନ୍ୟ ଚାଷୀଙ୍କ ବିଲରେ ପଶି ପୁଣି ସେହି ହରକତ କରୁଛନ୍ତି । ଏନେଇ ବନ ବିଭାଗକୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନି । କ'ଣ କଲେ ମାଙ୍କଡ଼ମାନଙ୍କ ଉପଦ୍ରବରୁ ନିସ୍ତାର ମିଳିବ ସେଇ ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।



ଅନ୍ୟପକ୍ଷରେ ସହରାଞ୍ଚଳରେ ମଧ୍ୟ ମାଙ୍କଡ଼ଙ୍କ ଉପଦ୍ରବ କୌଣସି ଗୁଣରେ କମ୍ ନୁହେଁ । ସହରର ବିଭିନ୍ନ ସାହିରେ ମାଙ୍କଡ଼ମାନେ ନିର୍ଭୟରେ ଖୋଲାଥିବା ଘରେ ପଶି ଖାଦ୍ୟ ସାମଗ୍ରୀ ନେଇଯାଉଥିଲେ ହେଁ ଲୋକେ ଭୟରେ କିଛି କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ବଜାର ମଧ୍ୟରେ ଦୋକାନଗୁଡ଼ିକରେ ବିକ୍ରି ପାଇଁ ଝୁଲାଯାଇଥିବା ଖାଇବା ଜିନିଷକୁ ଝମ୍ପିନେବା ସହ ରାସ୍ତା କଡରେ ଥିବା ବାଇକ୍ ଗୁଡ଼ିକ ଉପରେ କୁଦା ମାରି ଓଲଟାଇ ଦେଇ ବହୁତ କ୍ଷତି କରୁଛନ୍ତି। ଏଥିସହ ଅନେକ ସମୟରେ ରାସ୍ତାର ଏପଟରୁ ସେପଟକୁ ଲମ୍ଫମାରି ପାରିହେବା ବେଳେ ଯାନବାହାନର ସମ୍ମୁଖକୁ ଆସିଯିବା ଫଳରେ ଦୁର୍ଘଟଣାମାନ ଘଟୁଛି । ତେବେ ମାଙ୍କଡ଼ମାନଙ୍କ ବିତ୍ପାତରୁ କିଭଳି ତ୍ରାହି ମିଳିବ ସେନେଇ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଝାମୁଯାତ୍ରାର ପ୍ରଥମ ମଙ୍ଗଳବାର ରେ ଉତ୍ସବମୁଖର କାକଟପୁର

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା ମଙ୍ଗଳା

**କାକଟପୁର ୧୦/୩ (ନି.ପ୍ର):** ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ, ମଙ୍ଗଳମୟୀ ମା ମଙ୍ଗଳା ଙ୍କ ଆରମ୍ଭ ହୋଇଛି ଚୈତ୍ର ପର୍ବ । ଝାମୁ ଯାତ୍ରା । ଏକ ମାସ ବ୍ୟାପୀ ଏହି ପ୍ରସିଦ୍ଧ ଝାମୁଯାତ୍ରା ଚୈତ୍ର ମାସ ପ୍ରଥମ ମଙ୍ଗଳ ବାର ଠାରୁ ଆରମ୍ଭ ହୋଇ ବୈଶାଖ ପ୍ରଥମ ମଙ୍ଗଳ ବାର ପର୍ଯ୍ୟନ୍ତ ଚାଲିଥାଏ। ଚୈତ୍ର ମାସରେ ମା ପ୍ରଥମେ ପ୍ରାଚୀ ନଦୀ ରୁ ଉଦ୍ଧାର ହେବା ଓ ସ୍ଥାପନା ହୋଇଥିବା ରୁ ମା ଙ୍କ ଜନ୍ମ ମାସ ଭାବେ ପ୍ରତି ବର୍ଷ ମାସେ ବ୍ୟାପି ଏହି ଚୈତ୍ର ପର୍ବ । ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଜି ପ୍ରଥମ ମଙ୍ଗଳ ବାର ନେତ୍ରୋତ୍ସବ ଭାବରେ ମଧ୍ୟ ପରିଚିତ। ମା ଙ୍କ ବିଶେଷ ନୀତିକାନ୍ତି ରେ ନୂତନ ନେତ ପୂଜା କରାଯାଇ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା। ଅଂଚଳ ର ଯାଦବ ସମୂହ ଏକାଠି ଲହୁଡି ଖେଳି, ଓଗାଳ ବୋଲି ଏହି ପରିକ୍ରମା ରେ ସାମିଲ ହୋଇଥିଲେ କ୍ଷ ପରେ ସେବକ ମାନଙ୍କ ଦ୍ୱାରା ମନ୍ଦିର ର ଦଧିନଉତି କୁ ସ୍ନାନ ମାର୍ଜନା କରାଯାଇ ନୂତନ ବାନା ବନ୍ଧା ଯିବାପରେ ନେତ୍ରୋତ୍ସବ କାର୍ଯ୍ୟ ସମାପନ କରାଯାଇଥିଲା। ଚାରିଆଡେ ମାତୃଭକ୍ତ ଙ୍କ ସମାଗମ ସହ ମନ୍ଦିର ବେଢାରେ ବିରି ଅରୁଆ। ଚାଉଳ ଓ ଜାମୁ ଡାଳ ରେ ପରିବାର ର ମଙ୍ଗଳ ମନାସି କୁଳବଧୂ ମା ମାନେ ବେଢା ଓଳେଇବା, ଓ ପନ୍ଥେଇ ପୂଜାସହ ହୁଳହୁଳି ରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା। ଦିନ ୨ ଟା ରେ ଶାରଳା ରୁ ଆସିଥିବା ପାଟୁଆ। ମାନେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠ ରୁ ପାରମ୍ପରିକ ପଟୁଆର ରେ ଯାଇ ଜଳ ତୋଳି ମନ୍ଦିର ଭିତର ବେଢା ଓ ବାହାର ବେଢା ରେ ପାଟୁଆ। ନୃତ୍ୟ



ପରିବେଷଣ କରିଥିଲେ। ଏହି ନୃତ୍ୟ ଦେଖିବା ପାଇଁ ହଜାର ହଜାର ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା କ୍ଷ ଆଜି ପ୍ରଥମ ପାଳି ଯାତ୍ରା ରେ ଭକ୍ତମାନେ କିପରି ଶାନ୍ତି ଶୃଙ୍ଖଳା ର ସହ ଦର୍ଶନ କରିବେ ଓ ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ପାଇଁ ଥାନା ଆଇ ଆଇ ସି ବସନ୍ତ କୁମାର ସାହୁ ଙ୍କ ତତ୍ୱାବଧାନ ରେ ପୋଲିସ ଫୋର୍ସ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷ ରୁ ଭକ୍ତ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଚାରିପଟେ ଟେଣ୍ଟ ବନ୍ଧାଯାଇ ଖରା ଦାଉରୁ ରକ୍ଷା କରାଯିବା ସହିତ ବ୍ୟାରିକେଡ଼ ମଧ୍ୟରେ ଶୃଙ୍ଖଳିତ ଭାବେ ଗର୍ଭଗୃହ କୁ ଯାଇ ଦର୍ଶନ ର ସୁବ୍ୟବସ୍ଥା କରାଯାଇଥିଲା। ତତ ସଂଗେ ସଂଗେ ମନ୍ଦିରକୁ ସତେଜ ଫୁଲରେ ସଜାଯିବା ସହିତ ମା ଙ୍କୁ ସ୍ୱର୍ଣ୍ଣ ଅଳଙ୍କାର, ପାଟବସ୍ତ୍ର ରେ ବିଭୂଷିତ କରା ଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ମନ୍ଦିର ନୀତି ନିର୍ଘଣ୍ଟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସରିବା ସହିତ ସର୍ବସାଧାରଣ ଦର୍ଶନ ଠିକ ସମୟରେ କରାଯାଇଥିବା ପ୍ରକାଶ କରିଥିଲେ। ଦୂର ଦୁରାନ୍ତ ରୁ ଆସୁଥିବା ଭକ୍ତ ମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। ସେହିପରି ଭକ୍ତ ମାନଙ୍କ ଆସୁଚିକିତ୍ସା ନିମନ୍ତେ ସୂଚନା କେନ୍ଦ୍ର ଓ ମେଡିକାଲ କ୍ୟାମ୍ପ, ପାନୀୟଜଳ ର ବ୍ୟବସ୍ଥା କରାଯିବା ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭକ୍ତ ମାନଙ୍କ ଉପରେ ପାଣି ସିଞ୍ଚନ କରାଯିବା ସହିତ ସମସ୍ତ ପ୍ରକାର ସହଯୋଗ କରାଯିବାକୁ ବ୍ୟବସ୍ଥା ହୋଇଥିଲା। ଆଜି ପ୍ରଥମ ପାଳି ଯାତ୍ରା ରେ ଶରତ କୁମାର ଦୀକ୍ଷିତ ପୂଜାପଣ୍ଡା ଭାବେ କାର୍ଯ୍ୟ କରିଥିଲେ ।ପ୍ରଥମ ପାଳି ଯାତ୍ରା ପାଇଁ ମା ମଙ୍ଗଳା ଙ୍କ ମନ୍ଦିର ସହିତ ସମଗ୍ର କାକଟପୁର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା ।

## କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବିରେ ପ୍ରଦେଶ ମହିଳାକଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର

**ଭୁବନେଶ୍ୱର୧୦।୩ (ନି.ପ୍ର):** ଆଜି ପ୍ରଦେଶ ମହିଳାକଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳାକଂଗ୍ରେସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଏଡିଏମଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବିକରି ମହାମହୀମ ରାଷ୍ଟ୍ରପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରିଛନ୍ତି। ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଂଟିନ ଛକ ଠାରେଏବଂଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳାକଂଗ୍ରେସ ପକ୍ଷରୁ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବିକରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଦସ୍ତଖତ ସମ୍ବଳିତ ଫ୍ଲେକ୍ସ ଫର୍ଦ୍ଦ ମଧ୍ୟ ଦାଖଲ କରାଯାଇଥିଲା।

ଏହି ଅବସରରେ ପ୍ରଦେଶ ମହିଳାକଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଛନ୍ତି କେନ୍ଦ୍ରର ବିଜେପି ସରକାର ନୈତିକତା ଉପରେ ଗୁରୁତ୍ୱ ଦେଉନାହାନ୍ତି। ହରଦୀପ ସିଂହ ପୁରୀଙ୍କ ଜେଫରୀଇପିଷ୍ଟିନର ଅପରାଧ ଦୁନିଆର ଅଂଶୀଦାର ଥିଲେ ମଧ୍ୟ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉ




ନାହିଁ। ପ୍ରଧାନମନ୍ତ୍ରୀ ମୋଦିଙ୍କର ନାମଇପିଷ୍ଟିନ ଫାଇଲରେ ବାହାରିଛି। ପୃଥିବୀର ବିଭିନ୍ନ ରାଜନେତା ଯେଉଁ ମାନେ ବିଭିନ୍ନ ଦେଶରେ ସରକାରୀ ବ୍ୟବସ୍ଥା ଭିତରେ ଅଂଶୀଦାର ଅଛନ୍ତି ସେମାନଙ୍କର ନାମଇପିଷ୍ଟିନ ଫାଇଲରେ ବାହାରିବା ପରେ ସେମାନେ ନିଜ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି। ହରଦୀପ ସିଂହ ପୁରୀଙ୍କୁ ମନ୍ତ୍ରୀମଣ୍ଡଳରେ ରଖିବା ଦ୍ୱାରା ମୋଦି ସରକାର ସାଧାରଣ ଲୋକଙ୍କର ବିଶ୍ୱସନୀୟତା ହରାଉଛନ୍ତି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଦେଶରେ ଆଲୋଚନା କରାଯାଏ। ତେଣୁ ତାଙ୍କର ବ୍ୟକ୍ତିତ୍ୱ ଏବଂ ଚରିତ୍ର ସ୍ୱଚ୍ଛ ରହିବା ଉଚିତ। ଜେଫରିଇପିଷ୍ଟିନ ଯେଉଁଭଳି ଭାବରେ ନାବାଳିକା ମାନଙ୍କର ଯୌନ ଶୋଷଣ, ରକ୍ତ ଶୋଷଣ କରିଥିଲା ଏବଂ ସେମାନଙ୍କୁ ହତ୍ୟା କରିଥିଲା ଏଥିରୁ ସ୍ପଷ୍ଟଯେ ସେ ଜଣେ ରକ୍ତ ପିପାସୁ ପିଶାଚ। ଏଣୁ ମହିଳା କଂଗ୍ରେସ ଦାବି କରୁଛି କି ତୁରନ୍ତ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ବହିଷ୍କାର କରାଯାଇ ତାଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ଏବଂ ନିରପେକ୍ଷ ତଦନ୍ତ ହେବା ଉଚିତ। ସେ ମନ୍ତ୍ରୀମଣ୍ଡଳରେ ରହିଲେ ତଦନ୍ତ ବାଟମାରଣା ହେବ। ତାଙ୍କ ପାଇଁ କେନ୍ଦ୍ରସରକାର ଲଜ୍ଜିତ ହେଉଛନ୍ତି ମାତ୍ର ତାଙ୍କୁ ଜାବୁଡ଼ି ଧରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଣତୀମିଶ୍ର, ବିଶ୍ୱକଲ୍ୟାଣୀ କର, ସୁନିତାବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ସିଲିସେଠୀ, ଅମିଶା ସାମନ୍ତରାୟ, ଜୟସ୍ମିତା ମହାନ୍ତି, ଜାନକୀ ମଲ୍ଲିକ, ଉର୍ବଶ୍ରୀ ମିଶ୍ର, ପ୍ରୀତିଛନ୍ଦା ରାଉତରାୟ, ଅପସନା ବେଗମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଗ୍ରୀଷ୍ମ ପ୍ରବାହ, ପାନୀୟଜଳ ଅଂଶୁଘାତ ସମସ୍ୟାର ସଫଳ ମୁକାବିଲା ସମ୍ବନ୍ଧୀୟ

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

ନବରଙ୍ଗପୁର,୧୦।୩: ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଗ୍ରୀଷ୍ମ ଋତୁରେ ପିଇବା ପାଣି, ଏବଂ ଅଂଶୁଘାତ ର ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଶେଷ କରି ଅଚଳ ପଡିଥିବା ନଳକୂପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜିଲ୍ଲାର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ମାନଙ୍କରେ ପ୍ରର୍ଯ୍ୟାପ୍ତ ପରିମାଣର ଓ ଆର୍ ଏସ ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ନିୟମିତ ବ୍ୟବଧାନରେ ଯୋଗାଇବା ବାଧ୍ୟତାମୂଳକ ରଖିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକ ମାନଙ୍କ କାର୍ଯ୍ୟ ସ୍ଥଳରେ ସ୍ୱତନ୍ତ୍ର ପାଣି, ବ୍ୟବସ୍ଥା କରିବା ସହିତ ଦିନ ୧୧.୦୦ ଘଣ୍ଟା ସମୟରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତର ଆଶଙ୍କା ଥିବାରୁ ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଏହି ସମୟ ସୀମା ମଧ୍ୟରେ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନ ଲଗାଇ ବିଶ୍ରାମ ନିମନ୍ତେ ଅସ୍ଥାୟୀ ଛାୟାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ମାର୍ଗଦର୍ଶକ ଅନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍କୁଲ ଏବଂ କଲେଜ ରେ ଶିକ୍ଷା ଦାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ନିମନ୍ତେ ସମସ୍ତ ପ୍ରକାର ପରିବହନ ଯାନ ଏବଂ ଯାତ୍ରୀ ମାନଙ୍କ ନିମନ୍ତେ ବହୁଳ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପ୍ୟାକେଟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ବିଭିନ୍ନ ୱାର୍ଡ ରେ ଥିବା ନଳକୂପ ଗୁଡିକୁ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବା ସହିତ ଆବଶ୍ୟକ ସ୍ଥଳେ ଭ୍ରାମ୍ୟମାଣ ଟ୍ୟାଙ୍କର ସାହାଯ୍ୟରେ ପିଇବା ପାଣି ର ସୁବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକସ୍ତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା,ଆବଶ୍ୟକ ଶୀତ ତାପ ନିୟନ୍ତ୍ରିତ କୋଠରୀ, ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକୀୟ ସେବା ଯୋଗାଇ ଦେବା ପାଇଁ ଆଲୋଚନା କରାଯାଇଥିଲା। ଅଂଶୁଘାତ ର ଆଶଙ୍କା କୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଜିଲ୍ଲାର ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କ ରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଟି ପି ଏସ ଓ ଡି ଏଲ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଆବଶ୍ୟକ ସ୍ଥଳେ ଜିଲ୍ଲାର ଜନଗହଳି ସମ୍ପୂର୍ଣ୍ଣ ସ୍ଥାନମାନଙ୍କ ରେ ଜଳଛତ୍ର ର ଆୟୋଜନ କରିବା ନିମନ୍ତେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗ ଦେଇ ଜିଲ୍ଲାର ପ୍ରତ୍ୟେକ ବ୍ଲକ ରେ ଅନୁରୁପ ଭାବରେ ବ୍ଲକ ସ୍ତରୀୟ ପଦାଧିକାରୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକ କୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀମତୀ ଗୀତାଞ୍ଜଳି ବେହେରା ପରିଚାଳନା କରିଥିଲେ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନବରଙ୍ଗପୁର ଯଦୁମଣି ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ପି ଏ ,ଆଇ ଟି ଡି ଏ ରାଜୀବ ସାହୁ,ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଙ୍କ ସହିତ ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ହିମାଂଶୁ ଶେଖର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଏସ୍ଆଇ ଡାକ୍ତରଖାନା ପାଇଁ ସରକାର ଦେଇଛନ୍ତି ୫ ଏକର ଜମି

ଭୁବନେଶ୍ୱର, ୧୦।୦୩ : ଝାରସୁଗୁଡା ଠାରେ ଇଏସ୍ଆଇ ଡାକ୍ତରଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ୫ଏକର ସରକାରୀ ଜମି ଯୋଗାଇ ଦେଇଛନ୍ତି । ଏହି ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଏବେ ଇଏସଆଇ ମହାନିର୍ଦ୍ଦେଶକଙ୍କର ବିଚାରାଧିନ ରହିଛି ।

ଝାରସୁଗୁଡା ଜିଲ୍ଲାରେ ଇଏସଆଇ ଡାକ୍ତରଖାନା ନିର୍ମାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଇଏସଆଇ ପକ୍ଷରୁ ୨୦୨୨ ମସିହାରେ ଝାରସୁଗୁଡା ଜିଲ୍ଲାରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ମିଳିଥିଲା ।

କର୍ମଚାରୀ ରାଜ୍ୟ ବୀମା ନିଗମର ୧୯୧ତମ ବୈଠକରେ ଝାରସୁଗୁଡା ଜିଲ୍ଲାରେ ୧୦୦ ଶଯ୍ୟା ଡାକ୍ତରଖାନା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା । ତଦନୁଯାୟୀ ରାଜ୍ୟ ସରକାର ଝାରସୁଗୁଡା ତହସିଲରେ ୫ଏକର ବିଶିଷ୍ଟ ସରକାରୀ ଜମି ଯୋଗାଇ ଦେଇଛନ୍ତି ।

## ରାମନବମୀ ଶୋଭାଯାତ୍ରା ପାଇଁ ଆଖଡ଼ା କମିଟି ଓ ପୋଲିସ ପ୍ରଶାସନ ମଧ୍ୟରେ ପ୍ରସ୍ତୁତି ବୈଠକ

ରାଜଗାଙ୍ଗପୁର,୧୦।୩(ନି.ପ୍ର.): ରାଜଗାଙ୍ଗପୁର ବିଜୁ କଲ୍ୟାଣ ମଣ୍ଡପ ଠାରେ ରାଜଗାଙ୍ଗପୁର ସହର ର ଐତିହାସିକ ରାମନବମୀ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ ପାଇଁ ସହର ର ୨୩ ଟି ଆଖଡ଼ା କମିଟି ଓ ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ଓ ପ୍ରସ୍ତୁତି



ବୈଠକ କାର୍ଯ୍ୟକ୍ରମ ରେ ଜିଲ୍ଲା ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ ଏସଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ଅତିରିକ୍ତ ଆଇଆଇସି ଅନିଳ କୁମାର ସାମଲ ଅତିରିକ୍ତ ତହସିଲଦାର କିରଣ କୁମାର ସେରେଗଂ ଏବଂ ଆଖଡ଼ା କମିଟି ର ସଭାପତି ସନ୍ଦିପ ଦାସ ଙ୍କ ଉପସ୍ଥିତିରେ ସରକାର ନୀୟମ, ଶୋଭାଯାତ୍ରା ର ନିର୍ଧାରିତ ସମୟ ଗତିପଥ ସମ୍ବନ୍ଧରେ ଆଲୋଚନା କରାଯାଇ ସମସ୍ତ ଭଲେନଟିଅର ଙ୍କ ପାଇଁ ଆଇ କାର୍ଡ ନାମ ପଞ୍ଜୀକରଣ ଓ ମାଇକ ନିମନ୍ତେ ଥାନା ସହ ଯୋଗାଯୋଗ କରିବାକୁ ସୁଚନା ଦିଆଯାଇଛି। ଶୋଭାଯାତ୍ରା ସମୟରେ ଡିଜେ, ନିଶାଦ୍ରବ୍ୟ ସେବନ ବେଆଇନ ଅସ୍ତ୍ର ଶସ୍ତ୍ର ଚାଳନା ଅଶ୍ଳୀଳ ନୃତ୍ୟ ଗୀତ କମେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇ ସରକାରୀ ଗାଇଡ ଲାଇନ ଓ ପୋଲିସ ପ୍ରଶାସନ କୁ ସହଯୋଗ କରିବା ପାଇଁ ଜିଲ୍ଲା ଏସପି ଶାନ୍ତା ନୂତନ ସାମଦ ସୁଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଥାନା ଅଧିକାରୀ ବିଜୟ କିଶୋର ଦାଶ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଶା ଯାତ୍ରୀ ଆପ୍‌ର ପ୍ରଚାର ପାଇଁ ଖର୍ଚ୍ଚ ହେଲାଣି ୧କୋଟି ୬୫ଲକ୍ଷରୁ ଅଧିକ

ଭୁବନେଶ୍ୱର, ୧୦।୩(ନି.ପ୍ର.: ଓଡିଶା ଯାତ୍ରୀ ଆପର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ୧କୋଟି ୬୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କଲେଣି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର ।

ମନ୍ତ୍ରୀ କହିଛନ୍ତି ଯେ ଓଡିଶା ଯାତ୍ରୀ ଗତବର୍ଷ ଜାନୁଆରୀ ୪ ତାରିଖରେ ରାଜଧାନୀରେ ଶୁଭାରମ୍ଭ ହୋଇଥିଲା । ବର୍ତ୍ତମାନ ଏହା ଭୁବନେଶ୍ୱର, କଟକ ଓ ପୁରୀ ଅଞ୍ଚଳରେ କାର୍ଯ୍ୟ କରୁଛି । କୁଟ୍ ଦ୍ୱାରା ଏହି ସଂସ୍ଥାର ପରିଚାଳନା ମୁଭିଂ ଟେକ୍ ଇନୋଭସେନ୍ସ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାଦ୍ୱାରା କରାଯାଉଛି । ଓଡିଶା ଯାତ୍ରୀ ଆପ୍ ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସୁଲଭ, ନିରାପଦ ଏବଂ ଦକ୍ଷ ପରିବହନ ପ୍ରଦାନ କରିବା ସହିତ ଡ୍ରାଇଭରମାନଙ୍କୁ ସେମାନଙ୍କ ରୋଜଗାରର ଶତ ପ୍ରତିଶତ ଦେଇ ସଶକ୍ତ କରିଥାଏ । ଓଡିଶା ଯାତ୍ରୀ ଆପ୍ ଶୁଭାରମ୍ଭ ପରଠାରୁ ଏପର୍ଯ୍ୟନ୍ତ ୬.୬୪ ଲକ୍ଷ ଟ୍ରିପରେ ୧୦କୋଟି ୪୦ଲକ୍ଷ ଟଙ୍କାର ବ୍ୟବସାୟ ଚାଳକଙ୍କ ଦ୍ୱାରା କରାଯାଇଛି ଏବଂ ଏଥିରୁ କୁଟ୍‌କୁ ୪କୋଟି ୬ଲକ୍ଷ ଟଙ୍କା ମିଳିଛି । ମନ୍ତ୍ରୀ କହିଛନ୍ତି ଯେ ଓଡିଶା ସରକାରଙ୍କ ଦ୍ୱାରା ଏହି ସେବା ଲୋକଲୋଚନକୁ ଆଣିବା ତଥା ଏହାର ସମ୍ପୂର୍ଣ୍ଣ ଲାଭ ଲୋକମାନଙ୍କୁ ଯୋଗାଇବାପାଇଁ ଓଡିଶା ସରକାରଙ୍କ ଦ୍ୱାରା ପ୍ରଚାର ପ୍ରସାର ପାଇଁ ମୋଟ୍ ୧,୬୫,୨୨,୭୦୨ ଟଙ୍କା ଖର୍ଚ୍ଚ କରିଛନ୍ତି । ଏଥି ମଧ୍ୟରେ ଡିଜିଟାଲ ମାର୍କେଟିଂ ପାଇଁ ସର୍ବାଧିକ ପ୍ରାୟ ୧କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ହୋଇଥିବାବେଳେ କିଓସ୍କ ନିର୍ମାଣ ପାଇଁ ୧୫ଲକ୍ଷ ୮୧ହଜାର, ଭିଡିଓ ବିଜ୍ଞାପନ ପାଇଁ ୬ଲକ୍ଷ ୬୬ ହଜାର ଓ ବ୍ରାଣ୍ଡ ପ୍ରମୋସନ ପାଇଁ ୩ଲକ୍ଷ ୧୩ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ୨ବର୍ଷ ମଧ୍ୟରେ ବିଦେଶରୁ ୧୫୮ ଶ୍ରମିକ ଉଦ୍ଧାର

ଭୁବନେଶ୍ୱର, ୧୦।୩(ନି.ପ୍ର.: ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ସୂତ୍ରରୁ ସୂଚନା ପାଇ ଓଡିଶା ସରକାର ବିଦେଶରୁ ୧୫୮ ଜଣ ଶ୍ରମିକଙ୍କୁ ଭାରତ ସରକାରଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି । ଶ୍ରମିକ ଉଦ୍ଧାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ।

ମନ୍ତ୍ରୀ କହିଛନ୍ତି ଯେ ବିଦେଶରୁ ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ସର୍ବାଧିକ ୫୦ ଜଣ ଶ୍ରମିକ ରହିଥିବାବେଳେ ଭଦ୍ରକର ଜଣେ, କଟକର ୬ଜଣ, ଢେଙ୍କାନାଳର ୧୭ଜଣ, ଗଞ୍ଜାମର ୧୭ଜଣ, ଜଗତ୍‌ସିଂହପୁରର ୨ଜଣ, ଖୋର୍ଦ୍ଧାର ୨୦ଜଣ, ମୟୁରଭଞ୍ଜର ଜଣେ, ପୁରୀର ୪ଜଣ ଓ ଅନ୍ୟ ଜିଲ୍ଲାର ୪୦ଜଣ ରହିଛନ୍ତି । ଏହିସବୁ ଶ୍ରମିକମାନେ ମ୍ୟାଁମାର, ଦୁବାଇ, ଲୋଆସ, ନାଇଜେରିଆ, ଆବୁଧାବି, କାମ୍ବୋଡିଆ, ସୁଦାନ, ଦୁବାଇ, ସାରଜାହ, ଥାଇଲାଣ୍ଡ, ଓମାନ, ସାଉଦିଆରବିଆ, ବଙ୍ଗଳାଦେଶ, ଲିବେରିଆ ଓ ମାଳଦ୍ୱୀପ ଆଦିରେ ଫସି ରହିଥିବାବେଳେ ସେମାନଙ୍କୁ ରାଜ୍ୟ ସରକାର ଉଦ୍ଧାର କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଭାରତ ସହିତ ସ୍ଥଳ ସୀମା ଲାଗିଥିବା ଦେଶଗୁଡ଼ିକରୁ ନିବେଶ ଉପରେ ମାର୍ଗଦର୍ଶିକାରେ ପରିବର୍ତ୍ତନକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ,୧୦।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଭାରତ ସହିତ ସ୍ଥଳ ସୀମା ଲାଗିଥିବା ଦେଶଗୁଡ଼ିକରୁ ନିବେଶ ପାଇଁ ମାର୍ଗଦର୍ଶିକାରେ ପରିବର୍ତ୍ତନକୁ ମଞ୍ଜୁର କରିଛି ।.

'ଲାଭକାରୀ ମାଲିକ' (ବିଓ) ନିର୍ଣ୍ଣୟ ପାଇଁ ପରିଭାଷା ଏବଂ ମାନଦଣ୍ଡର ଅନ୍ତର୍ଭୁକ୍ତିକରଣ –ଏହି ସଂଶୋଧନରେ ମନି ଲଣ୍ଡରିଂ ନିବାରଣ ନିୟମାବଳୀ, ୨୦୦୫ ଅନୁଯାୟୀ ନିବେଶକ ଗୋଷ୍ଠୀ ଦ୍ୱାରା ବ୍ୟାପକ ଭାବରେ ବ୍ୟବହୃତ ଲାଭକାରୀ ମାଲିକାନା ନିର୍ଣ୍ଣୟ ପାଇଁ ଏକ ପରିଭାଷା ଏବଂ ମାନଦଣ୍ଡ ପ୍ରଦାନ କରାଯାଇଛି। ନିବେଶକ ସଂସ୍ଥା ସ୍ତରରେ ଲାଭଦାୟକ ମାଲିକାନା ପରୀକ୍ଷା ପ୍ରୟୋଗ କରାଯିବ।ପ୍ରଯୁଜ୍ୟ କ୍ଷେତ୍ରୀୟ ସୀମା, ପ୍ରବେଶ ମାର୍ଗ, ସହାୟକ ସର୍ତ୍ତାବଳୀ ଅନୁଯାୟୀ ୧୦ ପ୍ରତିଶତ ପର୍ଯ୍ୟନ୍ତ ଅଣ-ନିୟନ୍ତ୍ରିତ ଏଲବିସି ଲାଭକାରୀ ମାଲିକାନା ସହିତ ନିବେଶକମାନଙ୍କୁ ସ୍ୱୟଂଚାଳିତ ମାର୍ଗ ଅଧୀନରେ ଅନୁମତି ଦିଆଯିବ। ନିବେଶକାରୀ ସଂସ୍ଥା ଦ୍ୱାରା ଡିପିଆଇଆଇଟିକୁ ପ୍ରାସଙ୍ଗିକ ସୂଚନା/ବିବରଣୀର ରିପୋର୍ଟିଂ ଉପରେ ଏପରି ନିବେଶ ନିର୍ଭର କରିବ।

ପୁଞ୍ଜିଗତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ପୁଞ୍ଜିଗତ ସାମଗ୍ରୀ, ଇଲେକ୍ଟ୍ରୋନିକ୍ ଉପାଦାନ, ପଲିସିଲିକନ୍ ଏବଂ ଇନଗଟ୍-ୱେଫରରେ ନିର୍ମାତାଙ୍କ ନିର୍ଦ୍ଦିଷ୍ଟ କ୍ଷେତ୍ର/କାର୍ଯ୍ୟକଳାପରେ ଏଲବିସି ନିବେଶ ପାଇଁ ପ୍ରସ୍ତାବଗୁଡ଼ିକ ଉପରେ ୬୦ ଦିନ ମଧ୍ୟରେ ପ୍ରକ୍ରିୟାକରଣ ଏବଂ ନିଷ୍ପତ୍ତି ନିଆଯିବ। କ୍ୟାବିନେଟ ସଚିବଙ୍କ ଅଧୀନରେ ସିଓଏସ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକର ତାଲିକାକୁ ମଧ୍ୟ ସଂଶୋଧନ କରିପାରନ୍ତି। ଏହି ପରିସ୍ଥିତିରେ, ନିବେଶକ ସଂସ୍ଥାର ଅଧିକାଂଶ ଅଂଶଧନ ଏବଂ ନିୟନ୍ତ୍ରଣ ସର୍ବଦା ବାସିନ୍ଦା ଭାରତୀୟ ନାଗରିକ(ମାନଙ୍କ) ଏବଂ/କିମ୍ବା ବାସିନ୍ଦା ଭାରତୀୟ ନାଗରିକ(ମାନଙ୍କ)ଙ୍କ ମାଲିକାନାରେ ଏବଂ ନିୟନ୍ତ୍ରଣରେ ଥିବା ବାସିନ୍ଦା ଭାରତୀୟ ସଂସ୍ଥା(ମାନଙ୍କ) ପାଖରେ ରହିବ।

## ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ

ଭୁବନେଶ୍ୱର, ୧୦।୩(ନି.ପ୍ର.: କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପଯୋଗ ହିଁ ଭବିଷ୍ୟତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସ୍ଥାୟିତ୍ୱ ଆଣିପାରିବ। ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏ ସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଂଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ। ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଂଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍ଏ) ଓ ଏଆଇସି–ସୋଆ ଫାଉଣ୍ଡେସନ୍ ର ମିଳିତ ଆନୁକୂଲ୍ୟରେ "ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେପିଂ ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି" ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଏହା କହିଛନ୍ତି ପ୍ରଫେସର ରାୟ।



ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜୁଡ୍ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମ୍ ର ରିଜେଂଟସ୍ ପ୍ରଫେସର ଓ କୋଲ୍ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଏଆଇ ଭିତିକ ନିଷ୍ପତି ନେବା ପ୍ରଣାଳୀ, ଜଳ ପରିଚାଳନା ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ଅବସରରେ ଆଗାମୀ ଦିନରେ କୃଷି କ୍ଷେତ୍ରର ଉନ୍ନତି ପାଇଁ ଡିଜିଟାଲ୍ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ଗବେଷକ ଓ ବୈଜ୍ଞାନିକମାନେ ଏକ ମଂଚରେ ଏକତ୍ରିତ ହୋଇ ଜ୍ଞାନର ଆଦାନ–ପ୍ରଦାନ କରିବା ଆନନ୍ଦର ବିଷୟ ବୋଲି ପ୍ରଫେସର ନନ୍ଦ କହିଥିଲେ।

ସମ୍ମିଳନୀର ଆୟୋଜନ କମିଟିର ଅଧ୍ୟକ୍ଷ ତଥା ସିସିଏସ୍ଏର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଆବାହକ ଡ଼କ୍ଟର ଅଂଶୁମାନ ଜେନା ଏବଂ ଡକ୍ଟର ସୁଭପ୍ରଦା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ପ୍ଲାଂଟ ଫିଜିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନେବ୍ରାସ୍କା ୱାଟର ସେଂଟରର ଗବେଷଣା ସହାୟକ ପ୍ରଫେସର ଡ଼କ୍ଟର ଅଳକାନନ୍ଦା ମିତ୍ର "ଏଆଇ ଏନେବଲ୍‌ଡ ଏଗ୍ରିକଲ୍‌ଚର" ବିଷୟରେ ବ୍ୟାଖ୍ୟାନ ଦେଇଥିବା ବେଳେ ପ୍ରଫେସର ବିନାୟକ ପି. ମହାନ୍ତି "କ୍ଲାଇମେଟ ସ୍ମାର୍ଟ ଡିସିସନ୍ ମେକିଂ ୟୁଜିଂ ଏଆଇ" ଶୀର୍ଷକ ବିଷୟରେ ମତ ରଖିଥିଲେ।

ଏହି ଦୁଇଦିନିଆ ସମ୍ମିଳନୀରେ ପୋଷ୍ଟର ପ୍ରଦର୍ଶନୀ, ଆଲୋଚନା ଓ ଗବେଷଣା ପତ୍ର ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ରହିଛି। ଭାରତ ସହିତ ବିଭିନ୍ନ ଦେଶର ଗବେଷକ, ଶିକ୍ଷକ, ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି।

## ଗୋପବନ୍ଧୁ ପ୍ରଶାସନ ଏକାଡେମୀରେ ନବନିଯୁକ୍ତ ସହକାରୀ ଶ୍ରମ ଅଧିକାରୀଙ୍କ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୩: ଗୋପବନ୍ଧୁ ପ୍ରଶାସନ ଏକାଡେମୀ ପରିସରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗ ଅଧୀନରେ ନବନିଯୁକ୍ତ ହୋଇଥିବା ସହକାରୀ ଶ୍ରମ ଅଧିକାରୀମାନଙ୍କ (ଓସିଏସ୍ ୨୦୨୩ ବ୍ୟାଚ୍) ପାଇଁ ଏକ ତିନି ମାସିଆ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବିମା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ଅଭିଭାଷଣରେ ନବନିଯୁକ୍ତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପ୍ରତିଷ୍ଠିତ ଅନୁଷ୍ଠାନରୁ ଉପଯୁକ୍ତ ତାଲିମ୍ ଗ୍ରହଣ କରି ଆଗାମୀ ଦିନରେ ନିଷ୍ଠା ଓ ସମର୍ପଣର ସହ ଜନସାଧାରଣଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ୍ ଯୋଗ ଦେଇ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ସାଧୁତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିବା ସହ ନିଜର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଉପଦେଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠାନର ଉପ-ମହାନିର୍ଦ୍ଦେଶକ ମୋନାଲିସା ଲେଙ୍କା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ରୂପରେଖ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ଶେଷରେ ଶ୍ରମ ଆୟୁକ୍ତ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ସମାରୋହରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ନାଏକ, ଅତିରିକ୍ତ ଶାସନ ସଚିବ ଶ୍ରୀ ରାଜେଶ ଅଗ୍ରୱାଲ ଏବଂ ଅତିରିକ୍ତ ଶ୍ରମ କମିଶନର ଶ୍ରୀ ମଦନ ମୋହନ ପାଇକଙ୍କ ସମେତ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନବନିଯୁକ୍ତ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ।

## କିଟ୍‌ରେ ଅୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ

ଭୁବନେଶ୍ୱର, ୧୦।୩: କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେବ ୬୧ତମ ଫେମିନା ମିସ୍ ଇଣ୍ଡିଆ ଗ୍ରାଣ୍ଡ ଫିନାଲେ ।ଆସନ୍ତା ଏପ୍ରିଲରେ କିଟ୍ କ୍ୟାମ୍ପସରେ ଆୟୋଜିତ ହେବ ଏହି ମେଗା ଇଭେଣ୍ଟ । ଏ ନେଇ ଆଜି ମୁମ୍ବାଇଠାରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଫେମିନା ମିସ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପ୍ରଥମ ଥର ପାଇଁ କୌଣସି ବିଶ୍ୱବିଦ୍ୟାଳୟରେ ଏଭଳି ମେଗା ଇଭେଣ୍ଟ ଆୟୋଜନ କରାଯାଉଛି । ଏହା ସହିତ ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର କିଟ୍‌ରେ ଆୟୋଜନ କରାଯାଉଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ କିଟ୍ ସ୍କୁଲ ଅଫ୍ ଆର୍କିଟେକଚର ମହାନିର୍ଦ୍ଦେଶକ ପ୍ରଫେସର ଏସ୍ ଏସ୍ ରାୟ ଓ ଟାଇମ୍ ଗ୍ରୁପ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ ଗୋପ କୁମାର ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ମୁମ୍ବାଇର ଟାଇମସ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୫ର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବୁଝାମଣା ସମୟରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଫେମିନା ମିସ୍ ଇଣ୍ଡିଆ ପକ୍ଷରୁ ଦୀର୍ଘ ୪ ମାସ ପୂର୍ବରୁ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଭିତ୍ତିଭୂମି ବୁଲି ଦେଖିଥିଲେ। କିଟର ଅତି ସୁନ୍ଦର ଭିତ୍ତିଭୂମି ଦେଖି କିଟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଫେମିନା ମିସ୍ ଇଣ୍ଡିଆ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ସୂଚନା ଦେଇ ଶ୍ରୀ ସାମନ୍ତ କହିଲେ ଏହା ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ ହୋଇଥିବାରୁ ଏହା କିଟ୍, କିସ୍ ଓ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଏଥିପାଇଁ ଶ୍ରୀ ସାମନ୍ତ ଟାଇମସ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବିନୀତ ଜୈନ, ସିଇଓ ରୋହିତ ଗୋପକୁମାର ଓ ଫେମିନା ମିସ୍ ଇଣ୍ଡିଆ ଦଳକୁ ଧନ୍ୟବାଦ ଜଣାଇଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ